ଶ୍ରୀ ରାଧାମୋହନ ଗଡ଼ନାୟକ

Digitized by srujanika@gmail.com

# ମେଘଦୂତ

ରାଧାମୋହନ ଗଡ଼ନାୟକ

Digitized by srujanika@gmail.com

ପ୍ରକାଶକ
ଉତ୍କଳ ବୁକ୍ ଏଜେନ୍ସି
ରାଣୀହାଟ, କଟକ—୧

ପ୍ରଥମ ପ୍ରକାଶ
୧୯୫୩
ମୂଲ୍ୟ [illegible] ୮

ଶ୍ରୀ ପଦ୍ମନାଭ ମିଶ୍ର
ନବଭାରତ ପ୍ରେସ,
କଟକ—୨

Digitized by srujanika@gmail.com

ଶ୍ରୀ ............................................................ ଙ୍କୁ
ଶ୍ରୀମତୀ

............................................... ଉପହାର

Digitized by srujanika@gmail.com

# ଭୂମିକା

**ଆଷାଢ଼ସ୍ୟ ପ୍ରଥମ ଦିବସ......**

ପନ୍ଦର ଶହ ବର୍ଷ ତଳର ସେ ଏକ ଅବିସ୍ମରଣୀୟ ଦିନ । ବିରହୀ ଯକ୍ଷର ଅଶ୍ରୁଳ ବେଦନା ଓ କବି କାଳିଦାସଙ୍କର ମେଘ-ମହ୍ଲାରର ମନ୍ଦାକ୍ରାନ୍ତା ଛନ୍ଦ ଆଜି ମଧ୍ୟ ବିଶ୍ୱର ଆକାଶକୁ ବାଷ୍ପାକୁଳ ଓ ସ୍ମୃତି-ସଜଳ କରୁଅଛି ।

ଅଭିଶପ୍ତ ଯକ୍ଷ ବର୍ଷକ ପାଇଁ ନିର୍ବାସିତ ହୋଇ ଅଳକାର ବହୁ ଦୂରରେ ରାମଗିରି ବନାଶ୍ରମରେ ଆଶ୍ରୟ ନେଇଲା, ଆଷାଢ଼ ମାସର ପ୍ରଥମ ଦିବସରେ ସେ ଗିରି ଶୃଙ୍ଗରେ ଦେଖିଲା ଏକ ନୂତନ ନୀଳ ମେଘ— ନୀହାର ଦର୍ଶନରେ ତାର ଦୁରନ୍ତ ବେଦନା ଦୁଃସହ ହୋଇ ଉଠିଲା । ସେ ପ୍ରକୃତିବିମୂଢ଼ ହୋଇ ଚେତନାଚେତନ ବିଚାର ପାରିଲା । ସେହି ମେଘକୁ ସେ ଦୂତ କରି ପଠାଇଲା ବିରହବିଧୁରା ସ୍ୱୀୟ ପ୍ରିୟା ପାଖକୁ ।

ଯୋଗିନୀ ମହାତ୍ମ୍ୟର ଆଷାଢ଼ କୃଷ୍ଣ ଏକାଦଶୀ କଥାନକରେ ଉଲ୍ଲେଖ ଅଛି, ଯକ୍ଷର ନାମ ହେମମାଳୀ, ତାର ବଧୂର ନାମ ବିଶାଳାକ୍ଷୀ । ଯକ୍ଷନାୟକ କୁବେରଙ୍କୁ ମାନସ-ପଦ୍ମ ଯୋଗାଇବାରେ ସେ

Digitized by srujanika@gmail.com

ନିଯୁକ୍ତ ଥିଲା । ପ୍ରେମବିହ୍ୱଳରେ କର୍ତ୍ତବ୍ୟରେ ତ୍ରୁଟି କରି ସେ ବର୍ଷ ନେଇ ଥିଲା ବର୍ଷଭୋଗ୍ୟ ବିରହର ଅଭିଶାପ । ମାତ୍ର କାଳିଦାସଙ୍କ କବିତାରୁ ଜଣାପଡ଼େ "କଶ୍ଚିତ,···ନ୍ୟଷଃ" । ଏବଂ "କସ୍ମିତ,···ଦେଷଃ" କହିବାର ନେପଥ୍ୟରୁ ପରିସ୍ଫୁରିତ ହେଉଅଛି "ଦେସାଽହମ୍" । ସେଇ କଥା ମୁଁ ମୋର 'କାଳିଦାସ' କାବ୍ୟନାଟିକାରେ ପ୍ରକାଶ କରିଥିଲି । ବିରହୀ କାଳିଦାସଙ୍କର ବିଧୁର ପ୍ରାଣ ବିକ୍ରମାଦିତ୍ୟଙ୍କ ସମ୍ମୁଖରେ ଗାଇ ଉଠିଛି···

ମେଘାଲୋକେ
ଆଷାଢ଼ର ପ୍ରଥମ ଦିବସେ,
କଶ୍ଚିତ୍ ଆରମ୍ଭ କରି
ପଠାଇଲି 'ମେଘଦୂତ' ମୋର ।

ସଂସ୍କୃତ ସାହିତ୍ୟରେ ଦୂତ ବା ସନ୍ଦେଶ କାବ୍ୟ ଏକ ଅଭିନବ ଓ ଅତୁଳନୀୟ ସୃଷ୍ଟି । ଚେତନ ମଧ୍ୟରେ ହଂସଦୂତ, ପିକଦୂତ, ଭ୍ରମରଦୂତ, ଘାନୁଦୂତ, ଶୁକସନ୍ଦେଶ, କୋକିଳସନ୍ଦେଶ, ଚକୋରସନ୍ଦେଶ, ମୟୂର ସନ୍ଦେଶ ଓ ଅଚେତନ ମଧ୍ୟରେ ସିଦ୍ଧଦୂତ, ନେମିଦୂତ, ପବନଦୂତ ଚେତଦୂତ, ମନୋଦୂତ, ହୃଦୟଦୂତ, ପଦାଙ୍କଦୂତ, ଚନ୍ଦ୍ରଦୂତ ପ୍ରଭୃତି ସଂଖ୍ୟାରେ ବହୁତ । ମାତ୍ର ମେଘଦୂତ ଏହି ସୃଷ୍ଟିମଧ୍ୟରେ ଶ୍ରେଷ୍ଠ ଓ ଅବତଂସ ସ୍ୱରୂପ ।

ନବରତ୍ନରୁ ଏକ ରତ୍ନ ଘଟକର୍ପରଙ୍କ 'ଯମକ' କାବ୍ୟ ପ୍ରଥମ ଦୂତ କାବ୍ୟ ବୋଲି ଅନେକ କଳାସମୀକ୍ଷକଙ୍କର ଧାରଣା । ସେଥିରେ ଜଣେ ବିରହିଣୀ ତା'ର ପ୍ରିୟ ପାଖକୁ ସମ୍ବାଦ ପଠାଇଛି ମେଘ ହସ୍ତରେ

ନିଚିତ ଖମୁପେତ୍ୟ ନୀରଦୈଃ
ପ୍ରିୟହୀନା ହୃଦୟାବନୀ ରଦୈଃ
ସଲିଲୈର୍ନିହିତଂ ରଜଃ କ୍ଷିତୌ
ରବିଚନ୍ଦ୍ରାବପି ନୋପଲକ୍ଷିତୌ ।

କାଳିଦାସ ଯେ ଏଇଥିରୁ ମେଘଦୂତ ଲେଖିବାର ପ୍ରେରଣା ପାଇଥିଲେ ତାହା କୌଣସି ମତେ ସତ୍ୟ ନୁହେଁ । ସେ ଏହାର ମୂଳ ବସ୍ତୁ ନେଇଥିଲେ ରାମାୟଣରୁ । ଟୀକାକାର ଦକ୍ଷିଣାବର୍ତ୍ତିନାଥ, ମଲ୍ଲୀନାଥ

Digitized by srujanika@gmail.com

ୱେ ପୂର୍ଣ୍ଣ ସବୁସ୍ଥଳୀ ଏଥିରେ ଏକମତ । କାଳିଦାସ ତା'ର ସଙ୍କେତ ରଖି ଯାଇଛନ୍ତି ତାଙ୍କର 'ମେଘଦୂତ'ରେ ।

ଇତ୍ୟାଖ୍ୟାତେ ପବନତନୟଂ ମୈଥିଲୀବୋନ୍ମୁଖୀ ସା
ଜନକତନୟା-ସ୍ନାନ-ପୁଣ୍ୟୋଦକେଷୁ
ରଘୁପତି-ପଦୈରଙ୍କିତ ମେଖଳାସୁ

ଏହା ଛଡ଼ା କାବ୍ୟକଳାର ରମଣୀୟତାରେ ରାମାୟଣର ଛାୟା ବହୁତ ଭାବରେ ଦେଖାଯାଏ ।

ରାମ ବାଳିବଧ ପରେ ଲକ୍ଷ୍ମଣ ସଙ୍ଗରେ ପର୍ବତ ଗୁହାରେ କାଳ ଯାପନ କରୁଅଛନ୍ତି, ଶୃଙ୍ଗରୁ ଶୃଙ୍ଗାନ୍ତରରେ ବୁଲୁଛନ୍ତି; ବର୍ଷାକାଳ ଉପଗତ । ରାମ କହୁଛନ୍ତି ଲକ୍ଷ୍ମଣଙ୍କୁ ......

କ୍ୱଚିତ୍ ବାଷ୍ପାଭି ସଲ୍ଲକାନ ବର୍ଷାଗମ ସମୁତ୍ସୁକାନ୍
କୁଟଜାନ୍ ପଶ୍ୟ ସୌମିତ୍ରେ ପୁଷ୍ପିତାନ୍ ଗିରିସାନୁଷୁ
ମମ ଶୋକାଭିଭୂତସ୍ୟ କାମସନ୍ଦୀପନାନ୍ ସ୍ଥିତାନ୍ ।

କାଳିଦାସ ମେଘଦୂତରେ ଲେଖିଛନ୍ତି ...

ସ ପ୍ରତ୍ୟଗ୍ରୈଃ କୁଟଜକୁସୁମୈଃ କଳ୍ପିତାର୍ଘାୟ ତସ୍ମୈ
ପ୍ରୀତଃ ପ୍ରୀତି-ପ୍ରମୁଖ-ବଚନଂ ସ୍ୱାଗତଂ ବ୍ୟାଜହାର ।

ରାମ କହୁଛନ୍ତି......

ସମୁଦ୍‌ବହନ୍ତଃ ସଲିଳାତିଭାରଂ
ବଲାକିନୋ ବାରିଧରା ନଦନ୍ତଃ
ମହତ୍ସୁ ଶୃଙ୍ଗେଷୁ ମହୀଧରାଣାଂ
ବିଶ୍ରମ୍ୟ ବିଶ୍ରମ୍ୟ ପୁନଃ ପ୍ରୟାନ୍ତି ।

ମେଘଦୂତରେ ଅଛି,

ଖିନ୍ନଃ ଖିନ୍ନଃ ଶିଖରିଷୁ ପଦଂ ନ୍ୟସ୍ୟ ଗନ୍ତାସି ଯତ୍ର ।

ରାମାୟଣରେ ଅଛି......

ମେଘାଭିକାମା ପରିସମ୍ପତନ୍ତୀ
ସମ୍ମୋଦିତା ଭାତି ବଲାକପଂକ୍ତିଃ ।

Digitized by srujanika@gmail.com

ବାତାବଧୂତା ବର ପୌଣ୍ଡ୍ରସ୍ୟଙ୍କ
ଲମ୍ବେବ ମାଳା ସ୍ଖଳସୂତ୍ରବସ୍ୟ ।

ମେଘଦୂତରେ ଅଛି……

ଗର୍ଭାଧାନ କ୍ଷଣ-ପରିଚୟାନ୍ନୂନମାବଦ୍ଧମାଳା
ସେବିଷ୍ୟନ୍ତେ ନୟନସୁଭଗଂ ଖେ ଭବନ୍ତଂ ବଳାକାଃ ।

ଏତକ ନୁହେଁ—ଆହୁରି ଅନେକ ଦୃଷ୍ଟାନ୍ତ ଦେଇ ହେବ । ରାମାୟଣରୁ ମେଘଦୂତର ଋଣ କେତେକ ମାତ୍ରାରେ ଜଣା ପଡ଼ୁଅଛି ତାହା ଅତି ସ୍ପଷ୍ଟ । ତଥାପି ମେଘଦୂତର ଆତ୍ମପ୍ରକାଶ ପରମ ରମଣୀୟ । ବାଲ୍ମୀକିଙ୍କର ବାଷ୍ପରାଶି କାଳିଦାସଙ୍କ ସରସ କଳ୍ପନାରେ ଇନ୍ଦ୍ର-ଗୃପରଞ୍ଜିତ ମେଘ ।

ମେଘ ହାତରେ ଯକ୍ଷ ସ୍ୱୀୟ ପ୍ରିୟା ପାଖକୁ ପଠାଇଛି ସ୍ୱକୁଶଳମୟୀ ପ୍ରବୃତ୍ତି । ପ୍ରବୃତ୍ତି କେବଳ ବାର୍ତ୍ତା ନୁହେଁ, ପ୍ରବୃତ୍ତି ହିଁ ପ୍ରବୃତ୍ତି । ମାନବୀୟ ପ୍ରାଣର ସେଇ ପ୍ରବୃତ୍ତି ପ୍ରକୃତିର ଅଙ୍ଗେ ଅଙ୍ଗେ ଫୁଟାଇଛି ଅଭିନବତ୍ୱ, ଜଡ଼ର ଦେହକୁ କରିଛି ପ୍ରାଣିତ—ପ୍ରାଣବନ୍ତ । ତେଣୁ ଧୂମଜ୍ୟୋତି ସଲିଳ ମରୁତରେ ଗଠିତ ମେଘ ନିଷ୍ପ୍ରାଣ ନୁହେଁ, ଇନ୍ଦ୍ରଙ୍କର ପ୍ରଧାନ ଚର ପୁଷ୍କର ଓ ଆବର୍ତ୍ତକ ବଂଶରେ ଜାତ, କାମରୂପ । ରାମଗିରି କଠିନ ରୁକ୍ଷ ପାଷାଣ ନୁହେଁ, ମିଳନରେ ବିରହ-ଜନିତ ଉଷ୍ଣ ବାଷ୍ପ ପରିତ୍ୟାଗ କରେ ।

କବିଙ୍କର କଳ୍ପନା ନାରୀ ଓ ପ୍ରକୃତି ମଧ୍ୟରେ କୌଣସି ସୀମାରେଖା ଆଙ୍କି ପାରିନାହିଁ । ନାରୀ ଓ ପ୍ରକୃତି ସତେ ଯେପରି ସୃଷ୍ଟିର ଗୋଟିଏ ରୂପର ଦୁଇଟି ଆତ୍ମପ୍ରକାଶ । ତେଣୁ ନିର୍ବିନ୍ଧ୍ୟା ବା ସିନ୍ଧୁ ନଦୀ ନୁହେଁ ନାୟିକା, ଆମ୍ରକୂଟ ସାନୁମାନ ନୁହେଁ, ଧରଣୀର ପୟୋଧର । ଅଳକା କବେରପୁରର ନଗରୀ ନୁହେଁ, ସ୍ରସ୍ତ-ଗଙ୍ଗା-ଦୁକୂଳା ଯୋଷା ।

ମେଘଦୂତରେ ଦେଖିବାକୁ ମିଳେ ଦୁଇଟି ଜଗତ—ଗୋଟିଏ ବହିରଙ୍ଗ, ଆଉଟି ଅନ୍ତରଙ୍ଗ, ସେଇଥିପାଇଁ ମେଘଦୂତର ଦୁଇଟି ବିଭାଗ । ପୂର୍ବ ଓ ଉତ୍ତର, ପୂର୍ବରେ ପ୍ରକୃତିର ଆଲେଖ୍ୟ ଓ ଉତ୍ତରରେ ଆତ୍ମାର ଅଭୀପ୍ସା । ଆମେରିକାନ୍ ଲେଖକ ରାଇଡର (Rider) ଙ୍କ ଭାଷାରେ ବୋଧହୁଏ ସବୁ କହିହେବ ।

Digitized by srujanika@gmail.com

The former half is a description of external nature, Yet interwoven with human feeling; the latter half is framed in natural beauty. So exquisitely is the thing done that none can say which half is superior. Of those who read this perfect Poem in its original text, some are moved by the one, some by the other. Kalidas understood in the fifth century what Europe did not learn until the ninteenth and even now comprehends only inperfectly, that the world was not made for man, that man reaches his full stature only as he realizes the originality and worth of life that is not humane. That Kalidas seized this truth is a magnificent tribute to his intellectual power, a quality quite as necessary to great poetry as perfection of form. Poetical fluency is not rare; Intellectual grasp is not very uncommon; but the combination of the two has not been found perhaps more than dozen times since the world began. Because he possesses this harmonious combination.

ସଂସ୍କୃତ ସାହିତ୍ୟରେ ମେଘଦୂତର ପ୍ରଭାବ ଅତୁଳନୀୟ, କାଳିଦାସୋତ୍ତର ଯୁଗରେ ମେଘଦୂତର ରସ, ଛନ୍ଦ, ଶୈଳୀ, ଭାବ କେତେ ଭାବରେ ଯେ ପ୍ରକାଶିତ ହୋଇଅଛି ତାର ଇୟତ୍ତା ନାହିଁ ।

ମେଘଦୂତର ଅନୁସରଣରେ କୃଷ୍ଣମୂର୍ତ୍ତି ଲେଖିଛନ୍ତି "ସୋଲ୍ଲାସ", ସେଥିପାଇଁ ସେ ଅଭିନବ କାଳିଦାସ ନାମରେ ସୁପରିଚିତ ହୋଇଛନ୍ତି । ରାମଶାସ୍ତ୍ରୀ ମଧ୍ୟ ସେହି ଭାବରେ ଅନୁପ୍ରାଣିତ ହୋଇ ରଚନା କରିଛନ୍ତି 'ମେଘପ୍ରତିସନ୍ଦେଶ' । କୋରଡ଼ ରାମଚନ୍ଦ୍ର ଲେଖିଛନ୍ତି 'ଘନବୃତ୍ତ' । ମହାମହୋପାଧ୍ୟାୟ ପରମେଶ୍ୱର ଝାଙ୍କ ଲେଖନୀରୁ ନିଃସୃତ ହୋଇଛି 'ଯକ୍ଷମିଳନ କାବ୍ୟ' ।

କେବଳ ଅନୁସରଣ ନୁହେଁ, ଅନୁକରଣରେ ମଧ୍ୟ ମେଘଦୂତ ପରେ ସଂସ୍କୃତ ସାହିତ୍ୟରେ ବହୁତ କାବ୍ୟର ସୃଷ୍ଟି ହୋଇଛି । ସମସ୍ୟା ପୂରଣ

Digitized by srujanika@gmail.com

ଭାବରେ ମେଘଦୂତର ମନ୍ଦାକ୍ରାନ୍ତା ଛନ୍ଦ ମଧ୍ୟ ବ୍ୟବହୃତ ହୋଇଅଛି ।
ଶ୍ଳୋକର ପ୍ରତ୍ୟେକ ଚତୁର୍ଥ ପାଦ ମେଘଦୂତରୁ ଗୃହୀତ ।

ଅବଧୂତ ରାମ ଯୋଗୀଙ୍କର ସିଦ୍ଧଦୂତରେ ଜଣେ ଯୋଗୀ ଯୋଗ-ସିଦ୍ଧି ନିମନ୍ତେ ଗନ୍ଧମାଦନରେ ବାସ କରୁଥିଲେ । ଏକଦା ଜଣେ ଶୁକ୍ଳବର୍ଣ୍ଣ ପୁରୁଷଙ୍କୁ ଦେଖି ପ୍ରିୟା ଶବରୀଙ୍କ ନିକଟକୁ ପଠାଉଥିଲେ ଦୂତରୂପରେ ।

ଯାବ ସ୍ତ୍ରୀଣାଂ ଲଳିତ ବଚନୈଃ ପ୍ରେମ ପିଣ୍ଡୀକୃତାନାଂ
ସଦ୍ୟଃ ପୁଂସାଂ ହୃଦୟ ହରଣୋଦ୍ଦାମ ମାତ୍ମାବସ୍କାନ ॰
ଅନ୍ତର୍ଦୃଷ୍ଟ୍ୟା ବଶୟ ଶବରୀଦୃଷ୍ଟି ଶମ୍ଭୁପ୍ରଦା ଙ୍କଂ
"ଲୋଲାପାଙ୍ଗୈ ର୍ଯଦି ନ ରମସେ ଲୋଚନୈର୍ବଞ୍ଚିତୋଽସି ।"

ଏହାର ଚତୁର୍ଥପାଦ ମେଘଦୂତର ।

ଶ୍ରୀ ବିକ୍ରମଙ୍କର 'ନେମିଦୂତ'ରେ ନେମି ଦୂତ ନୁହନ୍ତି— ଦୂତ ରୈବତକ ପର୍ବତ । ନେମିଙ୍କ ପାଖକୁ ସମ୍ବାଦ ପଠାଉଛନ୍ତି ତାଙ୍କର ପତ୍ନୀ ରାଜୀମତୀ । ସେଥିରେ ସମସ୍ୟାପୂରଣ ଭାବରେ ମଧ୍ୟ ଶ୍ଳୋକାବଳୀ ରଚିତ ହୋଇଅଛି ।

ଏତଦ୍ଭୂଙ୍ଗ ଧ୍ୱନି ଶିଖରିଣଃ ଶୃଙ୍ଗମଙ୍ଗୀକୁରୁଷ୍ୱ
ରାଜ୍ୟଂ ପ୍ରାଜ୍ୟଂ ପ୍ରଣୟମଖିଳଂ ପାଳୟନ୍ ବନ୍ଧୁବର୍ଗାନ୍
ରମ୍ୟେ ହର୍ମ୍ୟେ ଭରମନୁଭବ ପ୍ରାପ୍ୟ ଭୋଗାନ୍ ଶତ୍ରାନ୍
"ସୋତ୍କଣ୍ଠାନି ପ୍ରିୟସହଚରୀ ସମ୍ଭ୍ରମାଲିଙ୍ଗିତାନି ।"

ଏହାର ଚତୁର୍ଥ ପଦ ମେଘଦୂତର ଶ୍ଳୋକରୁ ଗୃହୀତ ହୋଇଅଛି ।

କବି ଶିଲର (Shiellar) ମଧ୍ୟ ମେଘଦୂତର ଛାୟା ନେଇ ତାଙ୍କର ମେରିଆ ଷ୍ଟୁଅର୍ଟ (Maria Stuart) ରଚନା କରି ବିଶ୍ୱର ହୃଦୟରେ ଚିର-ସ୍ମରଣୀୟ ହୋଇଅଛନ୍ତି । ପୃଥିବୀର ଭିନ୍ନ ଭିନ୍ନ ଭାଷାରେ ମେଘଦୂତର ଅନୁବାଦ ରଚିତ ହୋଇଅଛି । The cloud messenger ନାମରେ ଇଂରେଜୀରେ ଲେଖିଛନ୍ତି ହୋରେସ୍ ହେମ୍ୟାନ ଉଇଲସନ୍ (Horace Hayman Wilson) ଜର୍ମାନୀରେ ଲେଖିଛନ୍ତି ମାକସ ମୁଲାର (Max Mular) ଓ ସୁଜା (Schulza)

ଭାରତର ପ୍ରତ୍ୟେକ ଭାଷାରେ ମେଘଦୂତ ଅନୂଦିତ ହୋଇଅଛି ।

Digitized by srujanika@gmail.com

ଅମର ଓଡ଼ିଆ ଭାଷାରେ ମେଘଦୂତର ୧।୫ ଖଣ୍ଡ ଅନୁବାଦ ଆତ୍ମପ୍ରକାଶ କରିଅଛି । ପଣ୍ଡିତ ଗୋପୀନାଥ ନନ୍ଦ ଲେଖିଛନ୍ତି ଓଡ଼ିଆରେ ମନ୍ଦାକ୍ରାନ୍ତା ଛନ୍ଦରେ, ଭାଲଚେରର ପଣ୍ଡିତ ଦାଶରଥି ମିଶ୍ର ମଧ୍ୟ ସେଇପରି ମୂଳ ଛନ୍ଦରେ ଅନୁବାଦ କରିଛନ୍ତି । ଶ୍ରୀ ବଂଶୀଧର ମହାନ୍ତି ମେଘଦୂତର ଏକ ଅନୁବାଦ ପ୍ରକାଶ କରିଛନ୍ତି । ମାତ୍ର ଏଇସବୁ ଯେତେ ଯେତେ ଅନୁବାଦ ଅଛି ତନ୍ମଧ୍ୟରେ କବି ରାଧାନାଥଙ୍କ ଅନୁବାଦ ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ।

ତେବେ ପ୍ରଶ୍ନ ହୋଇପାରେ କବି ରାଧାନାଥଙ୍କ ଅନୁବାଦ ଥାଉଁ ଥାଉଁ ମୋର ଏ ଉଦ୍ୟମର ପ୍ରୟୋଜନୀୟତା କେଉଁଠି ? ତହିଁ ସଂକ୍ଷେପରେ ଓ ସରଳ ଭାବରେ ମୋତେ ଉତ୍ତର ଦେବାକୁ ପଡ଼ୁଛି ।

କବି ରାଧାନାଥ ସ୍ୱୀୟ କାବ୍ୟସୃଷ୍ଟିରେ ଯେଉଁପରି ସିଦ୍ଧି ପାଇଛନ୍ତି ମେଘଦୂତର ଅନୁବାଦରେ ମଧ୍ୟ କମ୍ ସାଫଲ୍ୟ ଲାଭ କରିନାହାନ୍ତି । ମାତ୍ର ଅନୁବାଦରେ ମୂଳକବିଙ୍କ ଭାବକୁ ସ୍ଥାନେ ସ୍ଥାନେ ଛାଡ଼ିଦେଇ ସ୍ୱାତନ୍ତ୍ର୍ୟ ଗ୍ରହଣ କରିଛନ୍ତି, କେଉଁଠି କେଉଁଠି ମଧ୍ୟ ମୂଳ ଭାବକୁ ଓଲଟା କରି ଲେଖିଛନ୍ତି, କେଉଁଠାରେ ବା ଅଯଥା ଦୀର୍ଘ କରି ଦେଇଛନ୍ତି । ବହୁତ ସ୍ଥାନରେ ଭ୍ରମ ପ୍ରମାଦ ରହି ଯାଇଛନ୍ତି । ରାଧାନାଥଙ୍କର ସେଇ ତ୍ରୁଟି ଦେଖାଇ ମୁଁ ପ୍ରାୟ ଚୋଉଦ ବର୍ଷ ତଳେ 'ସହକାର' ପତ୍ରିକାରେ "ରାଧାନାଥଙ୍କ ମେଘଦୂତ" ନାମରେ ଗୋଟିଏ ସମାଲୋଚନା ପ୍ରକାଶ କରିଥିଲି । ସେତେବେଳେ ମୋର ସେଇ ପ୍ରବନ୍ଧ ପଢ଼ି ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ ତାର ପ୍ରତିବାଦ କରିଥିଲେ । ଶ୍ରୀ ଚିତ୍ତରଞ୍ଜନ ଚରଣ ପଟ୍ଟନାୟକ ମୋର ଲେଖାରେ ଅନୁପ୍ରାଣିତ ହୋଇ ନୂତନ କରି ମେଘଦୂତ ଅନୁବାଦ କରିବାରେ ପ୍ରବୃତ୍ତ ହୋଇଥିଲେ । କିନ୍ତୁ ମୁଁ ମେଘଦୂତର ଅନୁବାଦକରି ସାରି ଥିଲି ତାର ତିନି ବର୍ଷ ଆଗରୁ ।

୧୯୩୧ର 'ଜ୍ୟୈଷ୍ଠ ପୂର୍ଣ୍ଣିମା' ମୋର ଜୀବନର ଗୋଟିଏ ସ୍ମୃତି-ସିକ୍ତ ଦିନ । ସେହି ଦିନଟିର ସ୍ମୃତି ଉପରେ ମୁଁ ମୋର କାବ୍ୟ ନାଟ୍ୟିକାରେ "ପୂର୍ଣ୍ଣିମା ସ୍ୱର୍ଣ୍ଣ" ନାମରେ ଗୋଟିଏ କବିତା ଲେଖିଅଛି । ତା'ର ପରଦିନ "ଆଷାଢ଼ସ୍ୟ ପ୍ରଥମ ଦିବସ", ମେଘଦୂତର ଅନୁବାଦ ମୁଁ ଆରମ୍ଭ କରି ଥିଲି ସେଇଦିନ । ଶେଷ କରିଥିଲି ସେଇ ବର୍ଷ ।

Digitized by srujanika@gmail.com

୧୯୩୧ ରୁ ୧୯୫୪, ଦୀର୍ଘ ୨୩ ବର୍ଷ, ମୁଦ୍ରାରାକ୍ଷସ ଗର୍ଭରୁ ମେଘଦୂତକୁ ଆତ୍ମପ୍ରକାଶ କରିବାକୁ ଲାଗିଲା ଏଇ ୨୩ ବର୍ଷ । ଅବଶ୍ୟ ଏ ମେଘଦୂତ ପ୍ରକାଶ ଆମ ଓଡ଼ିଆରେ ଗତାନୁଗତିକ ନୁହେଁ, ଲେଖାରେ ରେଖାର ସଂଯୋଜନା, ଛନ୍ଦରେ ଶବ୍ଦର ସନ୍ନିବେଶ, ଓଡ଼ିଆ ସାହିତ୍ୟରେ ଏ ପ୍ରକାର ପ୍ରଚେଷ୍ଟା ନିଶ୍ଚୟ ପ୍ରଥମ ।

ଆଜି ଆମ ଦେଶରେ ତଥା ଭାଷାରେ ବହୁତ ଭାବରେ ଆସିଛି ପ୍ରଗତି ଓ ଶୃଙ୍ଖଳ୍ୟ । ବୈଚିତ୍ର୍ୟ ଦୂର ହୋଇ ଅଛି । ଏଇ କ୍ରାନ୍ତିଶୀଳ ଅନୁକୂଳ ସମୟ ମେଘଦୂତର ପ୍ରକାଶନକୁ ସମ୍ଭବ କରିଛି । ଏତେ ଦିନର କଳ୍ପନା ଆଜି ମୁଁ ମୋର ପାଠକ ଓ ପାଠିକାମାନଙ୍କର ସମ୍ମୁଖରେ ଥୋଇ ଆତ୍ମପ୍ରସାଦ ଅନୁଭବ କରୁଅଛି ।

୧୯ ଚୈତ୍ର,
୧୩୬୧

ରାଧାମୋହନ ଗଡ଼ନାୟକ
ଅନଗୁଳ

Digitized by srujanika@gmail.com

# ପୂର୍ବ ମେଘ

Digitized by srujanika@gmail.com

Digitized by srujanika@gmail.com



ଲକ୍ଷ୍ୟ-ଭ୍ରଷ୍ଟ ସେ ଯକ୍ଷ ଯୁବକ
ବରଷକ ଲାଗି ପ୍ରଭୁର ଶାପେ
ଗତ-ଗୌରବ ହୃତ-ବୈଭବ
ମୁଗ୍ଧ ବଧୂର ବିରହ-ତାପେ
ରାମଗିରି ବନେ
ବହୁ ଆଶ୍ରମେ
ରହିଲା ଅତୁର ଅଥୟ ମନେ
ନିର୍ବାସନେ,
ସୀତା-ସ୍ନାନେ ଯହିଁ ପୁଣ୍ୟଜଳ,
ଛାୟାତରୁ-ଦଳେ ସ୍ନିଗ୍ଧତଳ ।

Digitized by srujanika@gmail.com



ଲକ୍ଷ୍ୟ-ଭଗ୍ନ ସେ   ଯକ୍ଷ ଯୁବକ
ବରଷକ ଲାଗି ପ୍ରଭୁର ଶାପେ
ଗତ-ଗୌରବ   ହତ-ବୈଭବ
ମୁଗ୍ଧ ବଧୂର   ବିରହ-ତାପେ
ରାମଗିରି ବନେ
ବନ୍ଧୁ ଆଶ୍ରମେ
ରହିଲା ଅନ୍ତର ଅଥୟ ମନେ
ନିର୍ବାସନେ,
ସୀତା-ସ୍ନାନେ ଯହିଁ   ପୁଣ୍ୟଜଳ,
ଛାୟାତରୁ-ଦଳେ   ସ୍ନିଗ୍ଧତଳ ।

Digitized by srujanika@gmail.com

୨

ଗିରିବନ-ବାସେ    ବିରହ-ପ୍ରବାସେ
    କେତେ ମାସ ତହିଁ ଯାନ୍ତେ ଚଳି
ଖସିଗଲା ତାର    ହେମ କଙ୍କଣ
    ମଣି-ବନ୍ଧନ    ଦିଶିଲା ଖାଲି ।
ଆଷାଢ଼ ମାସର  ପ୍ରଥମ  ଦିବସେ
ଦେଖିଲା  ଶୈଳ-ସାନୁର ଉରସେ
    ଲୋଟେଇ ଘନ;
ବପ୍ର-କେଳିଲେ
ହର୍ଷ-ହେଳିଲେ
    ଖେଳି କରୁଛି କି ମତଙ୍ଗମ !

୩।

କିଆ-ଫୁଲ-ଫୁଟା    ଜଳଦ ଆଗେ
    କୁବେର-ସେବକ    ଯକ୍ଷ ରହି
ବହୁତ ସମୟ    ଚିନ୍ତା କଲା
    ମର୍ମେ ଲୁଚିଲା ଅଶ୍ରୁ ବହି ।
ମେଘ-ଦରଶନେ
    ପାଶରେ ଥିଲେହେଁ ପ୍ରାଣପ୍ରିୟା
ଥୟ ଧରେ ନାହିଁ
    ମିଳନ-ମୁଗ୍ଧ  ତରୁଣ ହିୟା ।
ଛଡ଼ ତାର କଥା ଯିଏ ଦୂରେ ଯା ଧନ
    ମାଗଇ କଣ୍ଠ-ଆଲିଙ୍ଗନ ।



Digitized by srujanika@gmail.com

୪

ଅଦୂରେ ଅଗାମୀ    ଶ୍ରାବଣ ମାସେ
ବନିତା-ଜୀବନ-    ରକ୍ଷା ଆଶେ
ନବୀନ ଘଟନ
କୁଶଳ ବାରତା    ପଠାଇବ ବୋଲି
ଭାଳିଲା ମନେ ।
ନବ-ମୁକୁଳିତ    କୁଟଜରାଜି
ମେଘ ଉଦ୍ଦେଶେ   ଅଞ୍ଜଳିପୁଟେ
ଅର୍ଘ୍ୟ ସାଜି
ଅର୍ଚ୍ଚିଲା ଭବ୍ୟ ହରଷମନେ
ମୀରତ ସରସ-ସମ୍ଭାଷଣେ ।

୫

ଜଳ-ତାପ-ଧୂମ-ବାୟୁ-ସଂଭୂତ
ତାହିଁ ଜୀମୂତ ?
ଇନ୍ଦ୍ରିୟପର    ନର-ବହନ୍ତା
କାହିଁ ବାରତା ?
ଉଦ୍‌ବେଗଭରେ    ମରମେ ନ କରି ଲକ୍ଷ୍ୟ
ଅମ୍ବୁଦ-ପଦେ    ମିନତି ରଚିଲା ଯକ୍ଷ ।
କାମର ଅବେଶେ    ବଚଳିତ ଯାର
ପ୍ରବଣ ମନ
ବୁଝିପାରେ କେ ସେ କି    ଚେତନ କି ଅବା
ଅଚେତନ ?



Digitized by srujanika@gmail.com

# ମେଘଦୂତ

୬

ଜାଣେ ଘନ ! ତୁମେ ଜଗତଖ୍ୟାତ
ପୁଷ୍କର ଆବର୍ତ୍ତକ ବଂଶେ
ହୋଇଛ ଜାତ ।
ଜାଣେ ତୁମେ କାମ-ମୂର୍ତ୍ତି-ଧର
ଅମରପତିର ପ୍ରଧାନ ପ୍ରକୃତି
ପ୍ରଧାନ ଚର ।
ବିଧିବଶେ ରହି ଆଜ ମୁଁ ଦୂରେ
ମିନତି କରୁଛି ତୁମର ମୂଳେ
ମହତ ପାଖେ ବିଫଳ ଭିକ୍ଷା ଶୋଭଇ,
ଅଧମ ପାଖେ ସଫଳ ହେଲେହେଁ ନୁହଇ ।

୭

ତାପିତର ଏକା ଶରଣ ତୁମେ,
ପ୍ରଭୁର ଶାପେ ମୁଁ ବିରହେ ଜଳେ,
ପ୍ରିୟା ପାଖେ ମୋର ବାରତା ନିଅ
ଯାଅ ମୋର ଦୂର ସଙ୍ଗଧପରେ ।
ବନ୍ଧୁ ଜଳଦ ! ଯିବ ତୁମେ ଯିବ ବହୁତ ଦୂରେ
ଯକ୍ଷପତିର ରମ୍ୟ ଧାମ ସେ ଅଳକାପୁରେ,
ବିରାଜିତ ଯହିଁ ଚନ୍ଦ୍ରଚୂଡ଼
ନଅର-ବାହାର ଉପବନରେ
ନିତ୍ୟ ହସଇ ସୌଧ ଯହିଁ
ଚନ୍ଦ୍ରକିରଣ-ଚୁମ୍ବନରେ ।



Digitized by srujanika@gmail.com

Digitized by srujanika@gmail.com

୮

ଗଗନ ଭୂମେ
ଛୁଟିଲେ ତୁମେ
ପାନ୍ଥ-ବନିତା କାନ୍ତ ଏଥର ଆସିବେ ବୋଲି
ବିଶ୍ୱାସରେ
ଆଶ୍ୱାସରେ
ଗୁନ୍ଥିବେ ଚୂର୍ଣ୍ଣଚୂର୍ଣ୍ଣଚିକୁରପ୍ରାନ୍ତ ଢୋଳ ।
ତୁମର ଉଦୟେ ଧସଡଲେ କିଏ ମୂର୍ଚ୍ଛାପାରେ
ବିରହ-ବିଧୁରା ସରିତ-ମଧୁରା ଅଙ୍ଗନାରେ ?
ମୋହର ପରି ସେ ପର-ଅଧୀନ
ତାହାର ଭାଗ୍ୟେ ନାହିଁ ସୁଦିନ ?

୯

ମନ୍ଦେ···ମନ୍ଦେ ଅନୁକୂଳ ସମୀରଣ
ଏଇ ତ ତୁମକୁ ଉଠାଇ ନେଉଛି ଘନ !
ବାମ ପାର୍ଶ୍ୱେ ଏଇ ଚାତକ କୂଜଇ
ମଧୁର ସ୍ୱରେ
ଗର୍ବ ଭରେ ।
ଗର୍ଭଧାରଣ ଲଗ୍ନ ଦେଖି
ଶୁଭ୍ର ବଳାକା ତୁମକୁ ଘେରି
ମାଳା ଆକାରେ
ନୟନ-ମୋହନ ଅହେ ନବଘନ !
ସେବିବେ ତୁମକୁ ଶରଧାରରେ ।



Digitized by srujanika@gmail.com

୧୦

ଯାହାର ପଥେ କାହୁଁ ନ ବହୁ ଚଳିଲେ ତୁମେ
ଅନ୍ତରେ ଜଳଦ ! ଦେଖିବ ଯାଇ ମୋ ଭବନ-ଭୂମେ ।
ସଖୀ-ଶିରୋମଣି ପତି-ପୂଜାରିଣୀ
ଜୀବନେ-ଥାଇ
ଦିନ ଗଣୁଥିବ ମୋହର ପାଇଁ ।
ଶୀରତ-ପେଲବ ସ୍ୱବଶୀ-ପ୍ରାଣ
କୋମଳ କୁସୁମ ସଦୃଶ ଜାଣ
ଝଉଥିବ ଝଟେ,
ଝଡ଼ ନ ପଡ଼ୁ ତା ଲାଗି ରହୁଥାଏ
କେବଳ ଆଶାର ବୃନ୍ତପରେ !

୧୧

ଅହେ ଜଳଧର ! ପ୍ରଥମେ ତୁମର
ଗୁରୁଗମ୍ଭୀର ମନ୍ଦ୍ର ସ୍ୱରେ
କନ୍ଦଳୀରାଜି ଜନମ ଲଭି
ଧରଣୀର ବୁକେ ହରିତ ଛବି
ବିକାଶ କରେ !
ସେଇ ଡାକ ଶୁଣି ହଂସାବଳି
ବିସ କିସଲୟ ପାଥେୟ ଧରି
ମାନସେ ଧାଇଁବେ ହରଷେ ମାତି,
କୈଳାସ ଯାଏ ଅମ୍ବୁଦ ଅହେ !
ହୋଇବେ ତୁମର ଯାତ୍ରା-ସାଥୀ ।



Digitized by srujanika@gmail.com

୧୨

ଜଗତବନ୍ଦ୍ୟ ରଘୁପତିର
ଚରଣ-ଚିହ୍ନ ଉରସେ ଧରି
ଅଭ୍ର ପରଶି ରହିଅଛି ଉଚ୍ଚ
ପ୍ରିୟସଖା ତବ ଏ ରାମଗିରି ।
ବରଷା ଋତୁରେ ପ୍ରତିବରଷ
ତବ ପରଶ ଲଭି ସିନା ଏ
ବିରହ-ଜନିତ ବାଷ୍ପବାରି
ବହୁତ ଢାଳି ପ୍ରୀତି ଜଣାଏ ।
ଆଶ୍ଳେଷ ଦେଇ ଏହାର ବୁକେ
ସାଦର ବିଦାୟ ନେଇ ହେ ସୁଖେ ।

୧୩

କହୁଚି ଶୁଣ ନବୀନ ଘନ !
ଯେ ପଥେ କରିବ ଯାତ୍ରା;
କହିବି ପୁଣି ଶ୍ରୁତିମଧୁର
ବଧୂର ମୋହର ବାଣୀ ।
ଖିନ୍ନ ହେଲେ
ପଥ-ଶୈଳେ
ବିଶ୍ରାମ ନେଇବ ବନ୍ଧୁବର !
ଶୀର୍ଣ୍ଣ ହେଲେ
ପିଇବ ହେଲେ
ସ୍ରୋତସଂକୁଳ ସିନ୍ଧୁଜଳ ।

୧୪

ଛାଡ଼ ଏ ସରସ ନିଚୁଳ ବନ
ଅମ୍ବର-ବୁକେ ଉତ୍ତର ମୁଖେ
ଉଠ ଅମ୍ବୁଦ ! ଉଠ ବଦନ ।
ତୁମ ଦରଶନେ ସିଦ୍ଧବାଳୀ
ଉର୍ଦ୍ଧ୍ୱେ ଚକିତ ଗ୍ରୀହାଣୀ ଗ୍ରଳି
ଭାଳିବେ ଗୋପନ ମରମଗତେ
କିଅବା ତୁଙ୍ଗ ଶଇଳ-ଶୃଙ୍ଗ
ପବନ ଉଡ଼ାଇ ନେଉଛି ସତେ !
ପଥେ ଚାହିଁ ଯାଅ ଦଗ୍‌ନାଗର
ହସ୍ତ ଗରବ ହରଦ ଖର ।

୧୫

ସମ୍ମୁଖେ ସେଇ
ବଲ୍ମୀକ ଶୀର୍ଷୁଁ
ବାହାର ହୋଇଛି ଇନ୍ଦ୍ରଧନୁ,
ରତ୍ନ ଆଭାର ମିଳନ ସମ
ଦେଖା ଯାଉଅଛି ଚିତ୍ତରମ
ତାହାର ତନୁ ।
ଅଚିରେ ତୁଚର ପରଶେ ତାର
ଦେଖାଯିବ ତୁମେ ଚମତ୍କାର
ମୟୂରକଳାପ ଚନ୍ଦ୍ରକୁଟ ଭୂଷଣ ଧରି
ଗୋପାଳକୃଷ୍ଣ ମୂର୍ତ୍ତି ଯେସନ ଉଠଇ ଝଳି ।



Digitized by srujanika@gmail.com

୧୭

ତୁମରି ଆଶାରେ    କୃଷି ହେବ ବୋଲି
ତବ ଦରଶନେ    ହୋଇ ଅଧୀର
ଭ୍ରୂଲୀଳାହୀନ    ଗୃହାଣୀ ଗୁଳି
ସରଳ ନୟନେ    ପଲ୍ଲୀବାଳୀ
ପିଇଯିବେ ତୁମ    ରୂପ-ମଦିରା ।
ତାହାପରେ ତୁମେ    ଯିବ ମାଳଭୂମେ
ହଳ-କର୍ଷିତ ଜଳ-ବର୍ଷିତ  କେଦାର ଯହିଁ
ମଧୁର ଗନ୍ଧ ନିଶ୍ୱସଇ;
ପଶ୍ଚିମେ ଯାଇ ଈଷତ୍‌ରେ
ଲେଉଟିବ ପୁଣି ଉତ୍ତରେ ।

୧୮

ବରଷଣ କରି    ବିପୁଳ ଜଳ
ଦୂର କର ତୁମେ    ବନ-ଅନଳ
ଆହେ ଜୀମୂତ !
କାନ୍ତ ତୁମକୁ    ଦେଖିଲେ ତେବେ
ଶିରେ ଶରଧାରେ    ଆସନ ଦେବେ
ଆମ୍ରକୂଟ ।
ହିତକର ମିତ ଅଙ୍ଗନେ ଆସି ମିଳଇ ଯେବେ
କ୍ଷୁଦ୍ରଜନ ତ କୁଣ୍ଠିତ କାହିଁ ନୁହଇ କେବେ ।
ଅତ ଉଚ ଯେ ଅତ ଉଦାର
କି କହିବ ଘନ, ତାର ବେଭାର ?



Digitized by srujanika@gmail.com

୧୮

ସ୍ନିଗ୍ଧପାଣ୍ଡୁ ତାର ଝଲସୁଥିବ
ଆମ୍ରବନର ପକ୍ୱଫଳେ
ସ୍ୱର୍ଣ୍ଣ-ଗଢ଼ର କାନ୍ତିବଳେ ।
ଅଳକ-କୃଷ୍ଣ ଜଳଦ ! ତୁମେ
ତୁଙ୍ଗ ତାହାର ଶୃଙ୍ଗପରେ
ବସିବ ଅତୁଳ ଶାନ୍ତିଭରେ ।
ଅମର ଅମରୀ ଦୂର ଗଗନେ
ଦେଖିବେ ସେ ଶିରୀ ଥିର ନୟନେ
ପାଣ୍ଡୁର ମୂଳ, ଅସିତ ଚୂଳ
ଜଳ ଭୂତ କି ଧରା-ଉରଜ !

୧୯

ମଞ୍ଜୁଳ ଯହିଁ କୁଞ୍ଜବାସେ
ବନଚର ବଧୂ ମାତଇ ହାସେ
ରହିଯିବ ତହିଁ କ୍ଷଣକ ପାଇଁ
ଜଳ କ୍ଷରିତ ଲଭ ସ୍ୱରିତ
ଚଳିଯିବ ଲଘୁ ପଥ ବାହୁ ।
ବିନ୍ଧ୍ୟ ଗିରିର ଚରଣତଳେ
ଶିଳା-ବନ୍ଧୁର ଧରଣୀପରେ
ଦେଖିବ ତନ୍ୱୀ ରେବାର ରେଖା
କରିର ଅଙ୍ଗେ ଯେସନେ ଉଙ୍ଗେ
ଶୋଭଇ ଶଙ୍ଖ ବିଭୂତ ଲେଖା ।



Digitized by srujanika@gmail.com

୨୦

ବନଗଇ-କେଳି ମଦ-ଗନ୍ଧତ ତା ସରବାଦ
କମ୍ବୁକଣ୍ଠେ ରହୁଛି ଥିର
ବରଷଣେ ତୁମେ କ୍ଷିନ ହୋଇଥିବ ହେ ବାଦବାହ !
ପିଇବ ତାହାର ମଧୁର ନୀର ।
ସଲିଳ-ପୂର୍ଣ୍ଣ ହୋଇଲେ ଭିର !
ମରୁତ
ଆଜି ତ
ତୁମକୁ ଉଡ଼ାଇ ପାରିବ ନାହିଁ ।
ଶୂନ୍ୟ ଯେ ଥିଲା ଲଘୁ ଏ ଭବେ
ପୂର୍ଣ୍ଣ ଜୀମୂତ ଅସନ ଲଭେ ।

୨୧

ଦରମୁକୁଳିତ ନୀପ ପୁଷ୍ପର
ଶ୍ୟାମ ପାଣ୍ଡୁର କେଶର ପରେ
ଚକିତ ମଧୁପ ଗୁହୁଁ ଦେଖୁଥିବେ
ଗୀରତଭରେ ।
ହରିତ ଅନୁରେ ହରିଣକୁଳ
ସୁଖେ ଖାଉଥିବେ ନବ କନ୍ଦଳୀ ତୃଣାଙ୍କୁର ।
ବନେ ବୁଲୁଥିବେ ମତଙ୍ଗମ
ଛିନ୍ନ ଭୁଇଁର ସେବି ଅଭିନବ ଗନ୍ଧ-ଧନ ।
ଜଳ ବରଷଣେ ମାର୍ଗ ତେବେ
ଇଙ୍ଗିତେ ଘନ ! ଦେଖାଇଦେବେ ।



Digitized by srujanika@gmail.com

୨୨

ସିଦ୍ଧ ମିଥୁନ ଦେଖୁଥିବେ ତହିଁ ଗୁଡକଦଳ
କେତେକ କଇଁଶଲେ ପିଉଥିବେ ନବ ବରଷାଜଳ ।
ବଲାକାବୀଥିକା          କରରେ ଗଣି
ଠାଉ କହୁଥିବେ 'ଦେଖ ଗୋ ଧନି !'
ତୁମେ ଯେବେ ତେବେ ହରଷଚିତ୍ତଲେ
ଗରଜ ଉଠିବ          ମନ୍ଦ୍ର ବୋଳେ
ଶଙ୍କିତା ବଧୂ          ଭିଡ଼ ପକାଇବେ
ଦୟିତ-ତନୁ
ସୁଭଗ ସିଦ୍ଧ          ସନମାନ ଦେବେ
ଜପନ୍ତ ମନ୍ତ୍ର ।

୨୩

ପ୍ରିୟା ପାଶେ ମୋର ଅଶ୍ରୁ-ଅଭିଯାନେ ଥିଲେହେଁ ମନ
ଶଇଲେ ଶଇଲେ ବହୁତ ଡେରିର ହୋଇବ ଘନ !
ନବ ଅର୍ଜୁନ          ପୁଷ୍ପକୁଳ
କହିବେ ତୁମକୁ          ଗନ୍ଧାତୁର ।
ତବ ଦରଶନେ          ନୟନେ ଧରି
ଅଶ୍ରୁଜଳ
କେକା-ଗୀତ ଗାଇ ସାଙ୍ଗେଟି ନେବେ
ବରହିଦଳ ।
କେସକାଳେ ମୋ କଥା          ସୁମରି ମନେ
ଯତନ କରିବ          ଅଶ୍ରୁ-ଗମନେ !



Digitized by srujanika@gmail.com

୨୪

ଦଶାର୍ଣ୍ଣ ଦେଶେ ଅହେ ଅମ୍ବୁଦ !
ମିଳିଲେ ତୁମେ
ଉପବନ-ବୃତ ଶୁଭ୍ର ଧବଳ
ନବମୁକୁଳିତ କିଆ-କୁସୁମେ ।
କାକବକବଳି କୁଳାୟ ବରଣି ଆବେଗଭରେ
ଗ୍ରାମର ଚୈତ୍ୟ ଆକୁଳ କରିବେ ବିପୁଳ ସ୍ୱରେ ।
ପରିଣତ ଫଳେ ଜମ୍ବୁବନ
ଧରିବ ଅଚିରେ ଶ୍ୟାମବରଣ
ଭ୍ରମରି ସାଥିରେ ହଂସଗଣ
ରହୁଥିବେ ତହିଁ କେତୋଟି ଦିନ ।

୨୫

ରାଜଧାନୀ ତାର ଦିଗ୍‌ବିଦିତ
ରମ୍ୟ ବିଦିଶା ନଗରେ ମିଳି
ବନ୍ଧୁ ହେ ମୋର ! ଲଭିବ ତୁମେ
ରସିକ ହେବାର ସଫଳ ଶିରୀ ।
ବେତ୍ରବତୀର ସଲିଳପଟେ
ଦେଖିବ ସଚଳ ଊର୍ମିଖେଳା
ନେତ୍ରବତୀର କି ଅବା ସତେ
ଭୃକୁଟି-ବକ୍ଷୀର ଚଟୁଳ ଲୀଳା !
ତୀରେ ବସି ମୃଦୁ ମନ୍ଦ୍ର ସ୍ୱରେ
ସୁମଧୁର ରସ ପିଇବ ଥରେ ।



Digitized by srujanika@gmail.com

୨୬

ତାର ପାଶେ 'ନୀଚ' ଶଇଳ ଶୋହେ
ନିଭୃତ ଯହିଁ ପାଷାଣ-ପୁରେ
ନାଗରିକ ଯୁବା ମାତଇ ଚୋଟଷ
ଯୌବନଭରୁ ଚଦ୍ୟୃସବଶେ
ବାରବଧୂ ମେଳେ ରଙ୍ଗରସେ
ରତ ପରିମଳ ନିତ୍ୟ ସ୍ଫୁରେ ।
ଜଳଧର ଅହେ ! ଧରଷେ ବିଶ୍ରାମ
ସେନିବ ତାହାର ଉରସେ
ନୀପ କୁସୁମରେ ପୁଲକିବ ଗିରି
ସରସ ଭ୍ରମର ପରଶେ ।

୨୭

ଶ୍ରାନ୍ତ ଛୁଟିଲେ ବନ୍ଧୁବର !
ତହୁଁ ଉଠି ନାଗ ନଦୀର ଧାରେ
ଉପବନ ଯୁଇ ମୁକୁଳ ଜାଲେ
ସିଞ୍ଚିବ ବାରି-କଣିକା ବାରେ ।
ତାପିତ କପୋଳୁଁ ଝାଳ ପୋଛୁ ପୋଛୁ ମାଳିନୀ ଦଳ
କର୍ଣ୍ଣ-କମଳ ଭର ଦେଉଥିବେ ମଳିନତର ।
ତୁମ ଛାୟା ପାଇ ଗୁହିଁ ଦେବେ ତେବେ
କ୍ଷଣେ ମୁଖେ
ମୁଖ ଦରଶନ ଲଭ ଅହେ ସଖ !
ଚଳିବ ସୁଖେ ।



Digitized by srujanika@gmail.com

୨୮

ଉତ୍ତର-ଯାତ୍ରୀ ହେ ବଳାହକ !
ବକ୍ର ହେଲେହେଁ ତୁମର ପଥ
ଉଜ୍ଜୟିନୀରେ ଲକ୍ଷ୍ୟ କର
ବାହୁଡ଼ ତୁମର ବାଷ୍ପରଥ ।
ତୁଙ୍ଗ ତାହାର ସୌଧପରେ
ବସିବ ଅତୁଳ ହରଷଭରେ
ଚପଳା-ଚମକେ ପୌର ବନିତା ତୁମକୁ ଦେଖେ
ଚକିତ ଅକ୍ଷିର ଲୋଲ ଅପାଙ୍ଗେ ଅନାଇ ଦେବେ ।
ଅମ୍ବୁଦ ! ତହୁଁ ଲୁଣ୍ଠି ନ ଗଲେ କହିତ
ଜୀବନେ ତୁମର ବଞ୍ଚିତ ତୁମେ ବଞ୍ଚିତ ।

୨୯

ପଥରେ ଦେଖିବ ନିର୍ବିନ୍ଧ୍ୟାର
ପ୍ରବାହଧାରା
ବୀଚି-ବିକ୍ଷୋଭେ ଗାଇ ଉଠୁଥିବେ
ହଂସମାଳା ।
ଉପଲ-ବ୍ୟଥିତ ମଦାଳସ ଗତି ଭଙ୍ଗେ
ଆବରିତ-ନାଭି ଦର୍ଶାଉଥିବ ରଙ୍ଗେ
ବିଭ୍ରମ ଛଳେ ପ୍ରଣୟବତୀ
ପ୍ରିୟତମେ କହେ ପ୍ରଣୟକଥା
ରହିବ ଘନ ହେ ! ତାହାର ବୁକେ
ରସଭର ହେବ ପୀରତି ସୁଖେ ।



Digitized by srujanika@gmail.com

୩୦

ତାପରେ ଭେଟିବ ସିନ୍ଧୁ, ନନ୍ଦର ଶୀର୍ଣ୍ଣ ଧାରା
ଦଶୁଥିବ ସତେ ବିରହବନ୍ଧା ବେଣୀଟି ପରା ।
ତୀର ତରୁଁ ଝଡ଼ ଶୁଷ୍କ ମଳିନ
ପତ୍ରଜାଳ
ଧୂସର ବରଣ ଦେଖା ଯାଉଥିବ
ଗାତ୍ର ତାର ।
କାତର ତାହାର ତାପିତ ବୁକ
ସୂଚିବ ତୁମର ଭାଗ୍ୟସୁଖ
ଯେଉଁ ଭାବେ ଯିବ ତନିମା ତାର
ହରିବ ଜଳଦ ! ସେ ଉପଚାର ।

୩୧

ଚଳିବ ତାପରେ ଅବନ୍ତୀ ଦେଶେ
ଗ୍ରାମେ ଗ୍ରାମେ ଯହିଁ ବୃଦ୍ଧଜନ
ଉଦୟନ କଥା କହୁ ରଞ୍ଜିଲ
ଅଯୁତ ମନ ।
ସେ ଦେଶେ ଦେଖିବ ମନମୋହିନୀ
ସରଶତା ସେଇ ଉଜ୍ଜୟିନୀ
ହତପୁଣ୍ୟ ସେ ଅମରଗଣର
ଗତ ଜୀବନର ପୁଣ୍ୟବଳେ
ସ୍ୱର୍ଗର ଖଣ୍ଡ ଅଂଶ ଗୋଟିଏ
ଆସିଅଛି କି ଏ ମର୍ତ୍ତ୍ୟତଳେ !



Digitized by srujanika@gmail.com

୩୨

ପ୍ରାତଃକାଳେ ତହିଁ  ଶିପ୍ରା କହ୍ଲାର
ମଧୁରୁପରଣୀ ପବନ
ବିକଚ କମଳ  କୁସୁମସଙ୍ଗିର
ସଉରଭ କରି ହରଣ
ହଂସଗଣର  କଳ କାକଳି
ମଦକଳ ନାଦେ ଦୀର୍ଘ କରି
ସ୍ନିଗ୍ଧ ଚାଟୁକାର ପ୍ରେମିକ ସମ
ନିଃଶେଷକରେ
ହରଣ କରେ
କାମିନୀକୁଳର  ସୁରତଶ୍ରମ ।

୩୩

ବାତାୟନୁ ତହିଁ  ଉଠୁଥିବ ଯେଉଁ
କେଶସଂସ୍କାର ଧୂପର ଧୂମ
ଜଳଧର ! ତହିଁ  ପୁଷ୍ଟ କରିବ
ଅଙ୍ଗ ତୁମ;
ବନ୍ଧୁ-ସ୍ନେହେଗୃହ  ବରହୀଗଣ
ଉପହାର ଦେବେ  ନୃତ୍ୟ-ଧନ ।
ତାପରେ ଦେଖିବ ସହର୍ଷେ ସୁରଭି କୁସୁମଗନ୍ଧ
ବନିତା-ପାଦର  ଅଳକ୍ତ-ଚିହ୍ନ  ନୟନାନନ୍ଦ
ଲକ୍ଷ୍ମୀପୁରୀର ଲକ୍ଷ୍ମୀ ହେରି
ପଥ-ଖେଦ ତୁମେ ଯିବ ହେ ଭୁଲି ।



Digitized by srujanika@gmail.com

୩୪

ତାପରେ ଜଳଦ ! ମିଳିବ ତୁମେ
ମହାକାଳ ପୀଠ ପୁଣ୍ୟ ଭୂମେ ।
ଗନ୍ଧବତୀର ପଦ୍ମକୁସୁମ ପରାଗ ହର
ଜଳକେଳିରତା ଯୁବତୀ କୁଳର
ଅଙ୍ଗରାଗର ଗନ୍ଧ ଧର,
ସମୀରଣ ଯହିଁ
ବିନୋଦ ରଚଇ
ଉଦ୍ୟାନ କୋଳେ ବେପଥୁ ଭର ।
ତୁମେ ଗଲେ ତହିଁ ପ୍ରମଥକୁଳ ଚାହିଁବେ ସ୍ନେହେ
ଈଶ୍ବର କଣ୍ଠ-କାନ୍ତି ଦେଖି ତୁମର ଦେହେ ।

୩୫

ପୁଣ୍ୟପୂତ ସେ ଶମ୍ଭୁଧାମେ
ଅନ୍ୟ ସମୟେ ମିଳିଲେ ତୁମେ
ଜଳଦ ଅହେ !
ଚକ୍ଷୁର ତୃଷ୍ଣାଇ ରହିବ ଅପାର
କିରଣମାଳୀର ଅସ୍ତଯାଏ ।
ସନ୍ଧ୍ୟାରେ ଦେଖି ଆରତିସମୟ
ବଜାଇବ ତୁମେ ଶୂଳୀର ପଟହ
ମନ୍ଦ୍ର ଘୋଷେ
ଦେବ ଆଶୁତୋଷ ଆଶୁଫଳ ଦେବେ
ପରମ ତୋଷେ ।



Digitized by srujanika@gmail.com

Digitized by srujanika@gmail.com

୩୭

ନାଚୁଥିବେ ତହିଁ ବାରାଙ୍ଗନା
ମେଖଳା ବଜାଇ ଚରଣପାତେ
ରତନ-ଦଣ୍ଡ ଶୁମର ଧରି
ଢାଳୁଥିବେ ଧୀର କ୍ଳାନ୍ତ ହାତେ ।
ତୁମେ ସେତେବେଳେ କାଳିତ
କରୁଣା କରିବ ସିଞ୍ଚିତ
ନଖ ପଦେ ଲଭି ନବୀନ ଶୀକର
ନର୍ତ୍ତକୀ ତେବେ
ଭ୍ରମରମାଳାର ଦୀର୍ଘ ଚାହାଣୀ
ଖେଳାଇଦେବେ ।

୩୮

ନଃଶ୍ଵଜ ଯେବେ ହର୍ଷଭରେ
ମତ୍ତ ହୋଇବେ ତାଣ୍ଡବରେ
ମନ୍ଦାରନିଭ ଅରୁଣ ଶିଖା
ସନ୍ଧ୍ୟାର ତେଜ- ପୁଞ୍ଜ ଧରି
ଭୁଜ-ଶାଖାରେ
ଶୋଭିବ ଉଦ୍ଭବ ଚକ୍ରାକାରେ ।
ରୁଧିର-ଧାରିତ ଗଜାଜିନ ରୁଚି ଅଙ୍ଗେ ଧରି
ପ୍ରମଥପତିର ଅନ୍ତରେ ହେବ ପୀରିତି ଭରି
ସ୍ତବ୍ଧ ନୟନେ ହୈମବତୀ
ନିରେଖି ଦେଖିବେ ତୁମ ଭକତି ।



Digitized by srujanika@gmail.com

୩୮

ଅଭିସାର-ମଧେ   କାମିନୀକୁଳ
ଯାମିନୀର ଘୋର ତିମିର ତଳେ
ଯାଉଥିବେ ଯହିଁ   ପ୍ରଣୟି-ବାସେ
ଆଲୋକବିହୀନ ରାଜପଥରେ ।
ନିକଷେ କନକ-କାନ୍ତି ପରି
ଦାମିନୀ-ଆଲୋକ ବିକାଶ କରି
ହେ ଜଳଧର !
ପଥ ଦେଖାଇବ ଥରକୁ ଥର ।
ମାତର ଗର୍ଜିତ ମନ୍ଦ୍ର ନିନାଦ ବରଷାଧାରା
କରିବ ନାହିଁଟି, ଡରିବେ ସେ ଭୀରୁ ତରୁଣୀ ବାଳା ।

୩୯

ସୁକୁମାରୀ ତୁମ   ତଡ଼ିତସଖୀ
ବାର ବାର ସ୍ଫୁରି   ପଡ଼ିଲେ ଥକି
ଅଧରେ ତାହାକୁ   ବକ୍ଷେ ଧରି
କଟାଇବ ତୁମେ   ସେ ବିଭାବରୀ,
କପୋତମିଥୁନ ତୁଙ୍ଗ ସଉଧ ବଳଭୀ ପରେ
ଶୋଇଥିବେ ଯହିଁ   ଶାନ୍ତିଭରେ ।
ପୁରୁବେ ଦିଶିଲେ   ଅରୁଣ-ରଥ
ଆଗରେ ଧରିବ   ଯାତ୍ରା-ପଥ;
ବନ୍ଧୁ-କରମେ   କରିଲେ ପଣ
ଡେରିର କି ଏବେ କାରଣ ସନ ?



Digitized by srujanika@gmail.com

Digitized by srujanika@gmail.com

୪୦

ପ୍ରିୟତମ ତେବେ ଖଣ୍ଡିତାର
ପୋଛଇ ନୟନ ଲୋତକଧାର।
ନଳିନୀ-ପ୍ରିୟାର ଅଶ୍ରୁ-ନୀହାର
ପୋଛୁବା ପାଇଁ
ତରତରେ ତେବେ ଫେରି ଆସୁଥିବେ
ନଳିନୀ-ସାଇଁ।
ଅଗୁଁ ବାହୁନେଇ ଭ୍ରମର ଉଠ
ଛାଡ଼ ଦେଉଥିବ ଛନ୍ଦସ୍ୱର
ନାହିଁ ଯେତେବେଳେ ସ୍ୱେଧୃଲି ଢର
ଭଗବାନ କାନ୍ଦୁ ହୋଇବେ ଖର।

୪୧

ଗମ୍ଭୀର ନଈ ସ୍ୱଚ୍ଛସଲିଳ-ହୃଦୟର ତଳେ
ବନ୍ଧୁ ଭ୍ରମର ଛାୟାନୃତଟି ଧରିବ ଖରେ;
କୁମୁଦ ଧବଳ
ଚଞ୍ଚଳ ଶଫରୀ ଲମ୍ଫ ଛଳେ
ତରତରତର
ଗୃହାଣୀ ହାଣ୍ଡିବ କର୍ମଇରେ।
ତୁମେ ଯେତେବେଳେ ଧୈର୍ଯ୍ୟ ବହ
ପୀରିତପାର
ଗୃହାଣୀ ତାର
ବ୍ୟର୍ଥ ବିଫଳ କରିବ ନାହିଁ।

୪୨

ଚଟିଣୀର ନୀଳ ନୀର-ବସନ
ଛାଡ଼ ଏକାବେଳେ ତୀର-ଜଘନ
ଲଗିଥିବ ନତ ବେତସ-ତଟରେ
ହରଣ ଅନ୍ତରେ ଗଗନପଥୁଁ ଖସିବ ଖଟରେ ।
ଲମ୍ବି ପଡ଼ିଲେ ବକ୍ଷେ ଭାର
ସହଜେ କି ଅନ୍ତ ହେବ ତାହାର ?
ନଗନ-ଜଘନା ଅଙ୍ଗନାରେ
ନୟନେ ଦେଖି
ରସର 'ସୁସ୍ୱାଦ ପାଇଣ ପିଏ
ଛାଡ଼ପାରେ କି ?

୪୩

ତୁମର ଅମୃତେ ସିକ୍ତ ମାଟିର ଗନ୍ଧ ଧରି
ସୁରଭି-ଶୀତଳ ହୋଇ ଉଠୁଥିବ ବାୟୁଲହରୀ ।
ନାସାଧ୍ୱନି କରି ମତ୍ତପ୍ରାଣେ
ଗଜ ପାନୁଥିବେ ଯାହାର ଘ୍ରାଣେ
ପରଶେ ଯାହାର ରସରେ ଭରି
ପାଚୁଥିବ ବନ ଉଦୁମ୍ବର ।
ଅହେ ଜଳଧର ! ସେହି ସମୀରଣ-
ବାହନ ପରେ
ଦେବଗିରି ମୁଖେ ଚଳିବଟି ତୁମେ
ହରଷଭରେ ।



Digitized by srujanika@gmail.com

୪୪

ସେ ଗିରିର କୋଳେ ସଦା ବିରାଜିତ
ଦେବକୁମାର
ଅମର ବାହିନୀ   ରକ୍ଷାପାଇଁ
ଅନଳେ ତେଜିଲେ   ଗଉରୀ-ସାଇଁ
ସ୍ୱସ୍ତର ଜଣି   ଯେ ତେଜ ତାର
ଶିବକୁମାର ।
ଯାଙ୍କର ଲାଗି   ରମ୍ୟ ଉତ୍କଳେ
କୁସୁମର ମେଳ ସାଜିବ ବାରେ
ତାଙ୍କର ଧ୍ୟାନ   ବଢ଼ାଇବ ଘନ ।
ସୁରଧୁନୀ-ଧୂଆ   ପୁଷ୍ପଧାରେ ।

୪୫

ରହିଥିବ ତହିଁ ମୟୂର   ବାହନ ତମହାର
ଛବି-ଫଳକରେ   ନୟନପ୍ରାନ୍ତ ଶୁଭ୍ର ଯାର;
ଦେହ ଯାହାର   ଜ୍ୟୋତିମଣ୍ଡଳୀ
ଝରିଗଲେ ଖଣ୍ଡ ନ ରହି ତଳେ
ତନୟ-ସେନେହ   ଶଙ୍କରୁପେ
ଗୌରୀ-ଶ୍ରବଣକମଳେ ଝୁଲେ ।
ଧୂନର   ସେଇ   ବରହିବର
ବନ୍ଧୁ ଭ୍ରମର   ପ୍ରିୟ ଭ୍ରମର;
ଦର୍ଶି କର୍ମଭ   ମନ୍ଦ୍ର ସ୍ୱରେ
ନର୍ତ୍ତିବ ତାଲୁ   ଛନ୍ଦକରେ ।



Digitized by srujanika@gmail.com

# ମେଘଦୂତ

୪୫

ଶରବନ-ଜାତ ଦେବତାରେ ପୂଜି ଯେବେ ଜୀମୂତ !
ଉଲ୍ଲାସେ ତୁମେ ଚଳିବ ପଥ ।
ଜଳକଣା କାଲେ ପଡ଼ିଯିବ ବୋଲି
ବୀଣାର ତାରେ
ସିଦ୍ଧ ମିଥୁନ ପଥ ଛାଡ଼ିଦେବେ
ତୁମକୁ ଖରେ ।
ତାପରେ ଭେଟିବ ଚର୍ମଣ୍ୱତୀ-
ତଟିନୀ ଜଳେ,
ରନ୍ତି ସ୍ୱଙ୍କର ଗୋମେଧ ଯାଗରୁ
ଜନମ ଲଭିଛି ଏ ଧରାତଳେ ।

୪୬

ଜଳପାନ ଆଶେ ଆହେ ଜଳଧର ଶ୍ୟାମଳତନୁ
ଖସିବ ଅଚିରେ ଦୂର ଗଗନୁ !
ପୃଥୁଳ ହେଲେହେଁ ଶୁଭ୍ର ତାହାର ପ୍ରବାହଧାରା
ଦେଖା ଯାଉଥିବ ରେଖାଟି ପରା ।
ଆକାଶ-ବିଳାସୀ ଶୂନ୍ୟେ ମିଳି
ମୁଗ୍ଧ ନୟନେ ଦେଖିବେ ସର୍ବେ,
ଧରଣୀରାଣୀର କଣ୍ଠଭୂଷଣ
ମୁକ୍ତାମାଳେ;
ଇନ୍ଦ୍ରନୀଳର ମଧ୍ୟମଣି କି
କାନ୍ତି ତାଳେ !



Digitized by srujanika@gmail.com

୪୮

ଦଶପୁର ଗଲେ ସ୍ପୃହିଁବେ ତୁମକୁ ନଗରନାରୀ
ଭ୍ରୁ-ଭଙ୍ଗିମା-ବିଳାସ-ଚତୁର ସୁହାଣୀ ସ୍ମିତ ।
ଉର୍ଦ୍ଧ୍ୱେ ସ୍ପୃହିଁଲେ ଧଳା କଳା ଆଖି
ଉଠିବ ଝଳି
ସଚଳ କୁନ୍ଦେ ଅନୁସରଇ କି
ଭୃଙ୍ଗାବଳି ?
କୁତୂହଳ ସେଇ ଦୃଷ୍ଟିରେଖାର
ଝଲକପରେ
କ୍ଷଣକାଳ ରହି ଚାଲିଯିବ ଘନ !
ପୁଲକଭରେ ।

୪୯

ବ୍ରହ୍ମାବର୍ତ୍ତେ ଅହେ ଜଳଧର !
ଛାୟା ବିସ୍ତାରି ଚଳିବ ତୁଷ
ନେତ୍ରେ ଦେଖିବ କୁରୁକ୍ଷେତ୍ର
କ୍ଷତ୍ର-ସମର-ଚିହ୍ନଭରା ,
ଅର୍ଜୁନ ଯହିଁ ମହାଧନୁ ବନ୍ଧି
ଦୃପ୍ତ କରେ
ଖରଶରଜାଳ ମାରିଥିଲେ ଶତ
ନୃପତି-ଶିରେ,
ଅମ୍ବୁଦ ! ତୁମେ ଯେପରି ମାର
ପଦ୍ମକାନନେ ବର୍ଷାଧାର ।



Digitized by srujanika@gmail.com

# ମେଘଦୂତ

୫୦

ବଳଦେବ ଚହିଁ    ବନ୍ଧୁସ୍ନେହେ
ନ ଯାଇ ରଣେ
ସରସ୍ୱତୀର    ତୀରେ ରହିଥିଲେ
ହରଷ ମନେ ।
ରେବତୀ-ଲୋଚନ-ବିମ୍ବ-ସୁରଭି ମଦିରା ଛାଡ଼ି
ପିଇଥିଲେ ତାର ପୁଣ୍ୟ ବାରି ।
ଜଳଧର ! ତୁମେ ଭାଗ୍ୟଧର
ପିଇବ ତାହାର ପୁଣ୍ୟ ଜଳ ।
ବାହାରେ କୃଷ୍ଣ ହେଲେହେଁ ତୁମେ
ଶୁଭ୍ର ହୋଇବ ଭିତରୁମେ ।

୫୧

ତାପରେ ଦେଖିବ କନଖଳ ତଟେ ପୁଣ୍ୟମୟୀ
ଜହ୍ନୁଦୁହିତା ଶମ୍ଭୁଦୟିତା ଗଙ୍ଗା ନଦୀ
ଗୌରୀ ଦେବୀର    ଭ୍ରୂକୁଟିଭଙ୍ଗ
ଉପହସି ଫେନହାସ୍ୟ ଛଳେ
ଧୂର୍ଜଟି ଜଟା    ଧରିଥିଲା ଯିଏ
ଚନ୍ଦ୍ରଲଗନ    ଊର୍ମିକରେ ।
ହିମାଚଳେ ତାର    ପ୍ରବାହଧାର
ଦେଖାଯାଉଛି କି    ନୟନହାର
ସରଗ ବୁଲର    ସରଗପଥେ
ସୋପାନ ହୋଇଛି କି ଅବା ସତେ !



Digitized by srujanika@gmail.com

୫୨

ଊର୍ଦ୍ଧ୍ୱେ ଝୁଲ  ହେ ବଳାହକ !
ଯେସନେ ଇନ୍ଦ୍ର-ଐରାବତ
ପୁଲକେ ପିଇବ  ତାହାର ନୀର
ଶୁଭ୍ର ବିମଳ ସ୍ଫଟିକ ବତ ।
ଉଜ୍ଜ୍ୱଳ ତାର  ଉରସ୍ଥ ପରେ
କଜ୍ଜଳ ଛାୟା ଲେଖିବ ଖରେ,
ଯମୁନା ନଈର  ସୁନୀଳ ନୀର
ଅସ୍ମାନେ ପଡେ  ମିଶିଲା ପରି
ଚିତ୍ର ତୁମର  ମନ୍ତ୍ର ଭରି
ଧରିବ ନୟନ-ମୋହନୀ ଶ୍ରୀ ।

୫୩

ତାପରେ ଲଭିବ ଶୁଭ୍ର ଶିରୀ
ଜହ୍ନୁସୁତାର ଜନମଭୂମି  ସେ  ତୁଷାରଗିରି,
କସ୍ତୁରମୃଗ-ଶୟନେ  ନାଭିର  ସୌରଭ ଲଭି
ଉରସେ ଯାହାର ଶିଳାତଳ  ସଦା  ସୁସଜ୍ଜିତ
ପଥର ଶ୍ରାନ୍ତ  ଭୁଲିଯିବା ପାଇଁ
ହେ ଘନ ! ତୁମେ
ବସିବ ଅଗରେ  ଅଭ୍ରସରଣୀ
ଶିଖର  ଭୂମେ ।
ଈଶାନ ବୃଷର  ବିଷାଣ  ପରେ
ପଙ୍କ-ଲେଖା କି  ଚିହ୍ନ ଧରେ ?



Digitized by srujanika@gmail.com

୫୪

ସେ ବନେ ପବନ ଘର୍ଷଣରେ
ଦେବଦାରୁ ଶାଖା ଘର୍ଷଣରେ
ଜନମି ସହସା ବନ-ଅନଳ
ଲକ୍ଷ ଲକ୍ଷ ଗୋଲକେ ଛାଗି
ଚମରୀ ଗାଈର ଲୋମରେ ଲଗି
ପୀଡ଼ୁଥିବ ଯେବେ ସାରା ଅଚଳ
ଧାରାଜଳ ନେଇ ହେ ନବଘନ !
ନିଭାଇବ ସେଇ ଦାବ-ଦହନ ।
ସାଧୁର ଧନ ଏ ଧରଣୀ ପରେ
ଅରତ ଜନର ଦୁଃଖ ହରେ !

୫୫

ଗରବେ ଡେଇଁବେ ଶରଭେ ତୁମକୁ
ଧରିବ ପାଇଁ
ପଥ ଛାଡ଼ି ଦେଇ ଉଡ଼ିଗଲେ ତୁମେ
ପାରିବେ ନାହିଁ ।
ତଥାପି ତୁମକୁ ଧରିବା ପାଇଁକି ଲମ୍ଫ ଦେବେ
ବାର ବାର ପଡ଼ି ଅଙ୍ଗେ ଓସ୍ପ ଖାଇବେ ତେବେ ।
ତୀବ୍ର ତୁମର କରକାପାତେ
ଚଳଚ୍ଛିନ୍ନ ହେବେ ଚୂର୍ଣ୍ଣର ସାଥେ ।
ବିଫଳ କରମେ ଯତନ କଲେ
ଲଞ୍ଛନା ସନ ! ମିଳଇ ଭଲେ !

୫୭

ସେ ଗିରିର ଏକ       ପାଷାଣ ପରେ
ଶମ୍ଭୁଚରଣ   ଚିହ୍ନ ସଙ୍ଗେ
କୀର୍ତ୍ତି ହୋଇଛି       ନିଯୁତ ଯାହା
ସିଦ୍ଧ-ପୂଜନ-ପୁଷ୍ପସାଙ୍ଗେ ।
ବନ୍ଧୁ ହେ ! ତୁମେ   ଭକତିଭରେ
ଦରଶନ  ତାହା  କରିବ  ଥରେ,
ଯାର ଦରଶନେ     ମରତ ଜୀବନେ
କଲୁଷ ତୁଟିଇ ଆହେ ଜଳଦ !
ଶରୀର ବିନାଶେ    ସ୍ୱରଗ-ନିବାସେ
ମିଳଇ ନିତ୍ୟ ପ୍ରମଥ ପଦ ।

୫୮

କୀଚକ-ରନ୍ଧ୍ରେ       ସମୀର ମନ୍ଦେ
ତୋଳୁଥିବ କେତେ ମୁରଲୀ-ତାନ
କିନ୍ନରକୁଳ       ତୋଳୁଥିବେ ସୁର
ତ୍ରିପୁର ଅସୁର ବିଜୟ ଗାନ ।
ତୁମେ ତେବେ ମୃଦୁମନ୍ଦରେ
ଗିରି କନ୍ଦରେ କନ୍ଦରେ
ମୁରଜ ବାଇବ ତୂର୍ଣ୍ଣ
ପ୍ରମଥ-ପତିର
ସଂଗୀତ-ଶ୍ରୀ
ଏଥିରେ କରିବ ପୂର୍ଣ୍ଣ ।

ଅଣଡରଣ

Digitized by srujanika@gmail.com

୫୮

ହିମାଚଳ ତଟେ ଦେଖି ଦେଖି ସେଇ ସ୍ଥଳମାହାତ୍ମ୍ୟ
ଅମ୍ବରପଥେ ଅମ୍ବୁଦ ! ତୁମେ ଯିବଟି ଭଳି
ଶ୍ୟାମଳ ବାମନ-ଚରଣ ଯେସନେ
ଉଠିଥିଲା ବଳି ଭୂପତି-ଶାସନେ ।
ତିର୍ଯ୍ୟକେ ଉଠି ଗଗନଗୁଦ !
ପରଶୁରାମର ସୁଯଶ ପଥ
ମାନସହଂସ-ଗମନପଥ
କ୍ରୌଞ୍ଚ ରନ୍ଧ୍ରେ ହୋଇବ ପାର !
ତାପରେ ବିପୁଳ ପୁଲକଭରେ
ଉତ୍ତର ପଥେ ଛୁଟିବ ଖରେ ।

୫୯

ଊର୍ଦ୍ଧ୍ୱେ ଯାଇ ହେ ଅମ୍ବୁଧର !
ଅତିଥି ହୋଇବ କୈଳାସର;
ମୁକୁର ହୋଇଛି ବକ୍ଷ ଯାର
ଅମରବଧୂର ପ୍ରସାଧନେ
ଶିଥିଳ ହୋଇଛି, [illegible] ସନ୍ଧି ପୁଣି
ଲଙ୍କାପତିର ଅଭିଯାନେ ।
କୁମୁଦ-ଧବଳ ଶୃଙ୍ଗେ ସେ ତ
ବ୍ୟାପି ରହିଛି ଊର୍ଦ୍ଧ୍ୱ ଦେଶ,
ତ୍ର୍ୟମ୍ବକର ହୋଇଛି ପୁଞ୍ଜ
ନିତ୍ୟ ବିପୁଳ-ଅଟ୍ଟହାସ ।



Digitized by srujanika@gmail.com

୭୦

ଛିଣ୍ଡିତ କରିଦନ୍ତ ସମ
ଧଳା କୈଳାସ ଶିଖର ଭୂମେ
ମର୍ଦ୍ଦିତ ଛଳା କଜଳ ନିଭ
ଜଳଧର ! ଯେବେ ଲାଗିବ ତୁମେ,
ଗଗନ-ଉରସେ
ଅତୁଳ ହରଷେ
ଅମରେ ଥାଇ
ରହିବେ ଚାହିଁ ।
ରେବତୀପତିର ସ୍କନ୍ଧପରେ
ନୀଳ ନିଚୋଳ କି ସୁଷମା ଧରେ ?

୭୧

ଗୌରୀ ଭୁଜଗ ବଳୟେ ତବ
ଭୁଜଗଭୂଷଣ-କର ନ ଧବ
କୈଳାସଗିରିର ଉପବନରେ
ଲୀଳା ବିହରଣେ ବୁଲୁଥିବେ ଯେବେ ପଦପଥରେ
ସଲିଳ ଆସାର ରୁଦ୍ଧ କରି
ବାଷ୍ପ ଅକାରେ ଅଗ୍ରେ ଚଳି
ମଣିତଟ ପଥ ଉଠିବା ପାଇଁ
ଭକ୍ତିଭରେ
ଗୌରବରେ
ନିଜକୁ ସୋପାନ ସାଜିବ ଭାଇ !

ଏକତରଣୀ

Digitized by srujanika@gmail.com

୭୨

ହେମ କଙ୍କଣ    ଅଘାତ ଭବ
ଜଳ ଅନିବାର    ଅସାର ବାର
ଅମସ୍ତ୍ରୀଗଣ
ଅନ୍ତର ତଳେ
ମଣିବେ ତୁମରେ
ଯନ୍ତ୍ର-ଜଳଦ ଧାରାଭବନ ।
ଉତ୍ତମ ନିଦାଘେ    ତୁମକୁ ପାଇ
କ୍ରୀଡ଼ାରସେ ମାତ ଛାଡ଼ିବେ ନାହିଁ;
ଅମ୍ବୁଦ ! ତୁମେ ଗୁରୁ ଗର୍ଜନ କରିବ ଖରେ
ବିଳାସ-ମତ୍ତୀ ଛାଡ଼ି ପଳାଇବେ ଶଙ୍କାଇବେ ।



Digitized by srujanika@gmail.com



## ଋଣା

ସ୍ୱର୍ଣ୍ଣକମଳ-ସୌରଭଭରା ମାନସ-ଜଳ
ମନଭରା କରି ପିଇବ ହରଷେ ହେ ଜଳଧର !
ଜଳକେଳି ପାଇଁ ଆସିଥିବ ତହୁଁ
ଐ ରା ବ ତ
ଦାମ୍ଭିକ ପାଇଁ ରଚିଦେବ ତାର
ଅଜନ-ପଟ ।
ଚଳପ ଚତୁର ପକ୍ଷୀବଳି
ଦୁକୂଳ ପଲ୍ଲବ ଅକୁଳ କରି
ନବ କଣ୍ଠରେ ନବୋଲ୍ଲାସେ
ଝଙ୍କରି ଯାଉ ସେ କଭଲାସେ ।



Digitized by srujanika@gmail.com

୭୪

ଦେଖୁ ଦେଖୁ ତୁମେ ଚିହ୍ନି ପାରିବ
ହେ କାମଚର !
ସେଇ କଇଲାସ ଅଙ୍କ-ଆସନେ
ଦୁକୂଳ ବିଗଳିତ ଗଙ୍ଗା-ବସନେ
ଅଳକା ନଗରୀ ବସିଛି ଯେସନେ
ପ୍ରେମିକା ନାରୀ ।
ବରଷା ଋତୁରେ ତୁଙ୍ଗ ତାହାର ସଉଧଚୁମେ
ବାରିଧାରା ଧରି ମନ୍ଦ୍ର ତୁମେ;
କାମିନୀର ଶିରେ ମୁକ୍ତା-ଖଚିତ ଅଳକ ସମ
ଦେଖାଯାଅ ତୁମେ କେଡ଼େ ସୁଷମ ।



Digitized by srujanika@gmail.com

# ଉତ୍ତର ମେଘ

Digitized by srujanika@gmail.com

Digitized by srujanika@gmail.com

୧

ଅଭ୍ର-ପରଶା ସଉଧବୀଥିକା ଅଳକା ପୁରେ
ତୁଙ୍ଗ ହେ ଘନ ! ତୁଳିତ ହୋଇଛି ତୁମରି ତୁଲେ
ଚପଳା ପରାଏ ବିଳସଇ ତହିଁ
ରୂପସୀ ବାଳା,
ଇନ୍ଦ୍ରଧନୁର କାନ୍ତି ଭଟଇ
ଚି ତ୍ର ମା ଳା ।
ଗୁରୁ ଗୁରୁ ତୁମ ମନ୍ଦ୍ର ସମ
ବାଜେ ଗମ୍ଭୀର ମୁରଜ-ସ୍ୱନ ।
ଶୁଭ୍ର ତୁମର ସଲିଳ ଭଳି
ମଣି-କୁଟ୍ଟିମ ଉଠଇ ଝଳି ।

Digitized by srujanika@gmail.com

୨

ନାଗରୀଙ୍କ ତହିଁ ଲୀଳାରବିନ୍ଦ ବହଇ କରେ
କୁନ୍ଦକଳୀର ମାଳା ପିନ୍ଧଇ ଅଳକ ପରେ ।
ଲୋଧ୍ର ଫୁଲର ପରାଗ ବୋଳି
ଆନନେ ଧରଇ ଶୁଭ୍ର ଶ୍ରୀ ।
ନବ କୁରୁବକ ଖୋସଇ କେଶେ
ଚୁଟର ଶିରୀଷ କର୍ଣ୍ଣେ ଦେଶେ ।
ସୀମନ୍ତପରେ
ଦେନଇ ଆଦରେ
ଦ୍ୱମଞ୍ଜୁଳ
ତୁମର ଲଭୁର କଦମ୍ବ ଫୁଲ ।

୩

ନିତ୍ୟ-କୁସୁମା ତରୁ ଲତା ତହିଁ
ଅଳି ଗୁଞ୍ଜନେ ଉଠଇ ଭରି
ନିତ୍ୟ-କମଳା ହଂସ-ମେଖଳା
ସରସୀ ରୂପସୀ ଉଠଇ ଝଳି ।
ନିତ୍ୟ-ଉଜ୍ଜ୍ୱଳ ଶିଖି-ବରହ
ପୁଲକେ ଟେକି
କେକା ଗୀତ ଗାଇ ନୃତ୍ୟ ରଚଇ
ପାଳିତ କେକୀ ।
ନିତ୍ୟ-ଜୋଛନା ସନ୍ଧ୍ୟା ତହିଁ
ତମସା-ବନ୍ଧନେ ହାସ୍ୟ-ମୟୀ ।



Digitized by srujanika@gmail.com

୪

ପଷର ତହୁଁ ଝଷାଦେ ନୁହଇ ଦରଷେ ଖାଲି
ନୟନର ତଳେ ଉଚ୍ଛୁଳ ପଡ଼ଇ ଅଶ୍ରୁ ବାରି ।
ହାସ-ଭାଷ ବିନା ଅନ୍ୟ ସନ୍ତାପ
ନାହିଁ ସେ ପୁରେ
ଦୟିତ ମିଳନେ ଭୁଲଇ ତା ଦୁଃଖ
ନିମେଷକରେ ।
ମାନ ଅଭିମାନ ପ୍ରୀତି-କଳହ
ଗ୍ଲାନିଦେଲେ ତହୁଁ ନାହିଁ ବିରହ ।
ନାହିଁ ନାହିଁ ତହୁଁ ବୟସ ଆନ
ଯଉବନ ସଦା ଦୀପ୍ତିମାନ ।

୫

ରଜନୀରେ ତହୁଁ ସ୍ଫଟିକ ଶିଳାର ସଉଧ ପରେ
କୁସୁମ ସର୍ବଏ ଗଗନର ତାରା - ବିମ୍ବ ଝଲେ ।
ଯକ୍ଷ ରସିକ
ରୂପସୀ ବାଳାରେ ସଥିରେ ଧରି
ମୁରଜ ବଜାଇ
ଗାଏ ଭ୍ରମର ମନ୍ଦ୍ର ସ୍ୱର
'ରତିଫଳ ସୁର'
କଳପତରୁର ସରସ ଦାନ
ପ୍ରିୟାରେ ଚଖାଇ
ଉଲ୍ଲାସେ ଅଟପ କରଇ ପାନ ।

ଅଣଗୁଳଣି

Digitized by srujanika@gmail.com

# ମେଘଦୂତ

୭

ମନ୍ଦାକିନୀର ସ୍ନିଗ୍ଧ ଶୀତଳ ଶୀକର ବହି
ମନ୍ଦ ଲହରେ ବହି ଯାଉଥାଏ ସମୀର ତହିଁ ।
ତୀର-ମନ୍ଦାର ଛାଇରେ ନବୀନ
ଅତପ - ଛାଳା
ଖେଳନ୍ତି ବସି ଦେବ-ବାଞ୍ଛିତା
ଯକ୍ଷ - ବାଳା ।
ହେମ ସିକତାତେ ମୁଷ୍ଟି ଚଳାଇ
କ ଜ୍ଞ ରୁ କରେ
ଜଣେ ଲୁଚାଇଲେ ଅପର ଖୋଜଇ
ହରଷ ଭରେ ।

୭

ପ୍ରିୟତମ ତହିଁ ପୀରତ-ଜୀବୀ
ଚଞ୍ଚଳ ହାତେ
ସରଗ ଭରେ
ବିମ୍ବାଧରୀର ନିବଦ୍ଧ ନୀବି
ଶିଥିଳ ବସନ
ହରଣ କରେ ।
ସମ୍ମୁଖେ ତାର ରତନ ଦୀପ
ଦୀପ୍ତ ମୟୂଖେ ଉଠଇ ଜଳି
କର୍ପୂର ଧୂଳି ମାରଇ ବୃଥା
ସରମ-ଜମୃତା ଦିଗମ୍ବରୀ ।



Digitized by srujanika@gmail.com

୮

ପ୍ରିୟତମ - ଭୁଜ - ବନ୍ଧନ - ପାଶ୍ୱ ଶାନ୍ତିଭରେ
ଶ୍ରାନ୍ତ ବଧୂର ଅଶ୍ଳେଷ ଯେବେ ଶିଥିଳ ପଡ଼େ ।
ତୁମେ ସେତେବେଳେ ନ ଥିଲେ ହେ ଘନ !
ଗଗନ ପରେ
ଚନ୍ଦ୍ରକିରଣ ନିର୍ବାଧେ ଅସି
ପଡ଼ିଲ ଘରେ ।
ଚନ୍ଦ୍ରାତପର ଝାଲରେ ଝୁଲେ ଯେ
ଚନ୍ଦ୍ରମଣି
କ୍ଷଣିକ ବରଷେ, କ୍ଲାନ୍ତ ବଧୂର ସ୍ୱେଦ
ଝୁଲଇ ଧନୀ ।

୯

ତୁମରି ପରାଏ ଜଳଧର ତହୁଁ
ସଦାଗତିସ୍ତଟୀ ପବନ ତୁଲେ
ଚପଳ ମନେ ସଂଗୋପନେ
ପଶଇ ଗହନ ଅନ୍ତଃପୁରେ ।
ଭିତ୍ତି ଦେହର ଚିତ୍ରାବଳି
ନବ ରସ-ଦାନେ ସିକ୍ତ କରି
ଶୀର୍ଣ୍ଣକାୟେ
ଜାଲାୟନେ ତାର
ବାଷ୍ପ ଅକାରେ
ପଳାଇଯାଏ ।

୧୦

ଅଷପୁ ନିଷ୍ଠ   ପୂବିତ ପୁରେ
ଚନ୍ଦ୍ରାବଗ୍ଲାନ ପୁଷ୍ପ ମନ
ନଅର ବାହାରେ   ରହୁଣ ପୁଣି
ବୈଭ୍ରାଜର କୁଞ୍ଜବନ ।
ଅମରବଣିତା ଗଣିକା ମେଳେ ମଧୁରାଳାପେ
ରସିକ ନାଗର ଯକ୍ଷ ତହିଁ ସମୟ ଯାପେ ।
ସାଥେ ସାଥେ ତହୁଁ   କିନ୍ନର ତୋଳି
ମଧୁର ତାନ
ହରଷେ ଗାଏ   ଯକ୍ଷପତିର
କୀରତି-ଗାନ ।

୧୧

ଯାମିନୀର ତଳେ କାମିନୀ ସେ ପଥେ ପ୍ରଣୟବତୀ
କର୍ମ ତ ପଦେ ଯାହାରଇସେ କରଇ ଗତି ।
ପାରିଜାତ ଖସେ ଚୂର୍ଣ୍ଣ କେଶୁଁ
ସ୍ୱର୍ଣ୍ଣ କମଳ   କର୍ଣ୍ଣଦେଶୁଁ
ଖସିପଡେ ଗୁଚ୍ଛ   ପତ୍ରଲେଖା
ମୁକ୍ତାଜାଲ
ସ୍ତନମଣ୍ଡଳୁ   ପଡ଼ଇ ତୁଟି
ମୁକ୍ତାହାର ।
ଚିହ୍ନ ପଥେ ପଡ଼ି ସୂର୍ଯ୍ୟୋଦୟେ
ପ୍ରୀତି-ଅଭିସାର ବାରତା କହେ ।



Digitized by srujanika@gmail.com

୧୨

ଧନପତି-ସଖା ଟ୍ୱେଁଷ ତହିଁ
ଭସ୍ଜିତ ସଦା ସ୍ୱ-ରୂପ ବହୁ,
ଡରେ ମନମଥ ରତିନାୟକ
କରେ ଧରେ ନାହିଁ ଅଳି-ଶିଞ୍ଜିନୀ-ଫୁଲ-ସାୟକ ।
ତରୁଣି-ବକ୍ଷେ ଲକ୍ଷ୍ୟ କରି
ଚତୁରିକା ତହିଁ ନାଗରୀ ନାରୀ
ଭ୍ରୂର ବିଭ୍ରମେ ନୟନ ଭୂଷି
ଶାଣିତ ଭ୍ରୂବାଣୀ ଦଅଇ ମାରି ।
ଅତି ସହଜେ
କାମର କାମନା ସିଦ୍ଧି କରେ ।

୧୩

ସେ ପୁରେ କଳପ ପାଦପବୀଥି
ବଧୂ-ମଣ୍ଡନ ସୃଜଇ ନିତି ।
ବହୁ ବରଣର ବହୁ ଧରଣର
ଦୁକୂଳ ବାସ
ନେତ୍ର-ମଦିର ଚିତ୍ତ-ମୋହନ
ମଦିରା ରସ
ଗଣ୍ଡ-ଅଧର ପଲ୍ଲବ ତୁଳ
ପୁଷ୍ପମାଳା
ଲଳିତ ଚରଣ ଅଳଂକରଣ
ଅଳତାଧାରା ।



Digitized by srujanika@gmail.com

୧୪

ଧନପତିପୁର—ତାର ଉତ୍ତରେ ମୋର ଭବନ,
ଇନ୍ଦ୍ରଧନୁର
ସଦୃଶ ଚଞ୍ଚଳ
ଦୂରୁ ଦେଖାଯିବ ତାର ତୋରଣ ।
ଅଗଣେ ତାର ବଢ଼ୁଛି ଦେଖ
ବାଳ ଶାଢ଼ୋଢ଼ ପାଦପ ଏକ,
ନଇଁ ପଡ଼ୁଅଛି ସ୍ତବକଭାରେ
ହାତ ବଢ଼ାଇଲେ ବାଜଇ ଡାଳେ ।
କାନ୍ତା ମମ
ପାଳିଅଛି ତାରେ ତନୟ ସମ ।

୧୫

ମଞ୍ଜୁଳ ତହିଁ ସରସୀ ସାଜଇ,
ବନ୍ଧା ହୋଇଛି ତାହାର ଘାଟ
ମରକତ ଶିଳା ସୋପାନ ସାଜେ ।
ରମ୍ୟ କନକ କମଳ ସଙ୍କ
ବୈଦୁର୍ଯ୍ୟର ମୃଣାଳ ଯୁକ୍ତ
ବଣ ତାହାର ଦେଉଛି ସାଜି ।
ଶୁଭ୍ର ମରାଳ ଦଳ ସେ ହ୍ରଦେ
ରହନ୍ତି ସଦା ଅତୁଳ ସୁଖେ,
ତୁମର ନିକଟରେ ଅଚଳ ହେଲେହେଁ ତାହାର ଜଳ
ଛାଡ଼ି ଯିବେ ନାହିଁ ପାଖରେ ଥିଲେହେଁ ମାନସ ସର ।



Digitized by srujanika@gmail.com



Digitized by srujanika@gmail.com

୧୬

ତାର ପାଶେ ଶୋହେ ପଇଲ ଏକ
ଶହାରଭୂମି ସେ ପ୍ରିୟାର ମମ,
ଇନ୍ଦ୍ରନୀଳର ଶିଖର ତୋଳି
ଶ୍ୟାମ ସୁନ୍ଦର ଭ୍ରମର ସମ।
ସ୍ୱର୍ଣ୍ଣ କଦଳୀ ପାଚେରି ରେଖା
ଚଉପାଶେ ତାର ରହିଛି ଘେରି,
ଘନ ହେ ! ଭ୍ରମର ଉପାନ୍ତରେ
ଝଲଇ ଯେସନ ତଡ଼ିତ-ଖେଳା ।
ଅମ୍ବୁଦ ! ତବ ମୂର୍ଚ୍ଛିତ ହେବ
ଅଧୀର ଚିତ୍ତେ ହେରଇ ତାହାର ମୃଚ୍ଛିତ ଖେଳ ।

୧୭

ତିର କୁରୁବକ-ବୃତର କୋଳେ
ମାଧବୀ କୁଞ୍ଜ ଦେଖିବ ଡୋଳେ,
ତାହାର ପାଶେ
ରକ୍ତ ଅଶୋକ ଚଳଦଳର
ବକୁଳ ପାଦପ ଶୋଭିବର
ଶିଶୁ ଉଲ୍ଲାସେ ।
ପ୍ରଥମ ମାଗଇ ମୋହର ପ୍ରାଣ
ପ୍ରେୟସୀର ବାମ-ଚରଣ-ଦାନ
ଅଉଟି ମାଗଇ ଦୋହଦ ସଙ୍ଗେ
ପ୍ରେୟସୀର ମୁଖ-ମଦିର ପାନ ।

ପଇଁ ଗୁଲଶ

Digitized by srujanika@gmail.com

# ମେଘଦୂତ

୧୮

ସେ ଦୁଇ ତରୁର          ମଧ୍ୟ ଭାଗେ
    ପ୍ରିୟ ସଖା ତୁମ ମୟୂର ଲାଗି
କନକ ଯଷ୍ଟି          ଦେଖିବ ଆଗେ ।
    ସ୍ଫଟିକ ଫଳକ ଖଚିତ ତଳେ
ନବ ବେଣୁନାଭ          ମଣିର ସାଜେ
    ରମ୍ୟ ବେଦିକା ରଚିତ ମୂଳେ ।
ଦିନଶେଷେ ଯେବେ          ପ୍ରେୟସୀ ମୋର
ବଳୟ ବଜାଇ          ପକାଏ ତାଳ,
    ତାଳେ ତାଳେ ନାଚି, ଚଞ୍ଚୁସରେ
    ଝରମର ରେଖା ଶାନ୍ତଭଟରେ ।

୧୯

ସତ୍ୱ ଲକ୍ଷଣ          ମନରେ ରଖି
    ଲକ୍ଷ୍ୟ କରିବ ହେ ଜଳଧର !
ଖୋଦିତ ହୋଇଛି          ଦୁଆର ଦେଶେ
    ଶଙ୍ଖ କମଳ ନିଧି ଯୁଗଳ ।
ଜାଣିବ ସେଇ ମୋ          ସଉଧ ବାସ
    ନୟନେ ତୁମର ସୁପ୍ରକାଶ ।
ହତଶ୍ରୀ ତାହା          ଦିଶୁଥିବ ଅହା
    ମୋ ବିରହରେ
ଅରୁଣ ଚଳିଲେ          ଅସ୍ତ ଶଇଳେ
    କମଳ କି ଆଉ ସୁଷମ ଧରେ ?



Digitized by srujanika@gmail.com

୨୦

ନବ-ଶିଶୁ ସମ		ଦେହ ତନୁ ନବ
ଧୀରେ ଅବତର ବନ୍ଧୁ ! ତୁମେ
ଆଷିର ସଲଜେ		ବର୍ଷିବା ପୁଲକେ
ବିଳାସ ଗିରିର ଶୃଙ୍ଗଭୂମେ ।
ଖଦ୍ୟୋତକାର		ବିଳାସ ସମ
ଚପଳା-ଗୃହାଣୀ		ବିକାଶ ନବ
ଅଳସ ଅଳସ ଗୃହିଁବ ଘନ !
ଦେଖିବ କୋଳେ
ସନ୍ଧ୍ୟ କୋଳେ
ରୂପମୟୀ ମୋର ଜୀବନଧନ ।

୨୧

ତନ୍ୱୀ ତରୁଣୀ ଧବଳ-ଦଶନା ବିମ୍ବାଧରା
ଚଞ୍ଚଳ ଗୃହେଁ ଚକିତ ଚପଳ ହରିଣୀ ସମ ।
ପୃଥୁଳ ଅପୃଷ୍ଟ ଶ୍ରୋଣିର ଭରେ
ମନ୍ଦେ ଅଳସ ଛନ୍ଦେ ଗୃଲେ ।
ଗଭୀର ତାହାର		ନାଭିର କୂପ
କ୍ଷୀଣ କଟି ତାର ଚମତ୍କାର
ଲଳିତ ନୋଇଁଛି		ଅଙ୍ଗଲତା
ସମ୍ଭାଳି ନ ପାରି ବକ୍ଷଭାର ।
ତରୁଣୀ ମହଲେ ମୋ ସୁନ୍ଦରୀ
ବିଧିର ପ୍ରଥମ ସୃଷ୍ଟି ସମ ।



Digitized by srujanika@gmail.com

୨୨

ମିତଭାଷିଣୀ ସେ        ପ୍ରିୟାରେ ମୋର
ମଣିବ ଦୋସର ଜୀବନ ସମ,
ଚକବାକର        ସଙ୍ଗ ଏଡ଼ି
ଝୁରୁଥିବ ଖାଲି ଝରହେ ମନ।
ବେଦନାଭରେ
ଅ ଶ୍ରୁ ଢା ଳେ
ଝରଝର ଗୁରୁ ଦିବସ କାଟି
ଶିଶିର ହତା
ନଳିନୀ ଯଥା
ଧରିଥିବ କେତେ ମଳିନ ଭାବ।

୨୩

ନୟନଯୁଗଳ        ଫୁଲି ଯାଇଥିବ
ବିଳାପଲୋତକ-ଉଚ୍ଛ୍ୱାସରେ
ଅରୁଣ ଅଧର        ଫିକା ଦିଶୁଥିବ
ନିସୃତ ତପତ ନିଶ୍ୱାସରେ।
ତୁମ ଆବରଣେ        ବନ୍ଧୁ ହେ ଘନ!
ଇନ୍ଦୁ ଲୁଚିଛି        ଦିଶଇ ଯେସନ,
କରତଳଲୀନ ପ୍ରିୟାର ଲପନ
—ହେ ଜଳଧର!
ଅଲୋଳ ଅଳକେ        ଦେଖା ଯାଉଥିବ
ମଳିନତର।



Digitized by srujanika@gmail.com

Digitized by srujanika@gmail.com

୨୪

ଅତୀତରେ ହେ ସଖା, ଦେଖିବ ଯାଇ
ଶରତଶର୍ବରୀ ମୋହନ ପାଇଁ
ଦେବ ଫୁଟୁଥିବ କାତର ବୁକେ
ଅଥବା ଶୀର୍ଣ୍ଣ ମୂରତ ମୋର
ହୋଇ କଳ୍ପନା ଛବିରେ ବିଭୋର
ଅଙ୍କୁଥିବ ଠିକ ସପନ ସୁଖେ ।
ପିଞ୍ଜରେ ଗୁନ୍ଥି ମଞ୍ଜୁ ବଚନା ଖାଦ୍ୟକାଠିରେ
ପଚାରୁଥିବ ସେ କାତର ଗିରେ ,
"ରସିକା ଲୋ, ଆଜ ମନେ ପଡୁଛି କି ତାଙ୍କ କଥା ?
ଥିଲା ତାଙ୍କର ସ୍ନେହ-ଲତା ?"

୨୫

ଅଙ୍ଗ-ଆସନେ ମଳିନ ବସନେ
ସୌମ୍ୟ ହେ ତାର ବୀଣାଟି ଭଙ୍ଗି
ତାର-ତାନେ ତାର କଣ୍ଠ ତୋଳି
ମୋହ ନାମେ ଗୀତ ଗାଇବ ବୋଲି
ଗୁନ୍ଥୁଥିବ ମୋର ଜୀବନସଙ୍ଗୀ ।
ନୟନର ଲୁହେ ସିକ୍ତ ତାର
ପୋଛି ପୋଛି ଅହା ବାରକୁ ବାର
କଳ୍ପନା
ଭୁଲି ଯାଉଥିବ ଅନ୍ତରଗତ ତାର
ମୂର୍ଚ୍ଛନା ।

ଅଣରୁଣ

Digitized by srujanika@gmail.com

୨୭

ବରଷ ଦନରୁ ଅଜପାଏ ସଖୀ
ଗୋଟି ଗୋଟି ଭଣ ଥିବ ସେ ଯେ ରଖି
ସେତେକ ପୁଷ୍ପ ଦେହଲି ପରେ
କେତେ ମାସ ବାକି
ଜାଣିବାର ଲାଗି
ଗଣୁଥିବ ଅଣି ଭୁଇଁର ତଳେ ।
ମନେ ମନେ ଅବା କଳ୍ପନାର ସେ ସପନେ ଭାସି
ମୋହନ ମିଳନ ରସ ପାଉଥିବ ମଦ୍ଵିକାଶୀ ।
ଦୟିତ-ବିରହେ ଦୟିତା ତାର
ଏପରି ବିନୋଦେ କାଟଇ କାଳ ।

୨୮

ଦବସେ ଏପରି ବିନୋଦ ଯେବା
ଜାଣୁ ନ ଥିବ ସେ ବିରହ-ଜ୍ୱାଳା
ରଜନୀର କାଳେ ବେଦନାର ଭରେ
ଲୋଟି ପଡୁଥିବ ତନ୍ଵୀ ବାଳା ।
ଚିତ୍ତ-ହରଣ ସନ୍ଦେଶ ମମ
ଦେବାର ପାଇଁ
ନିଶୀଥ ସମୟରେ ବାତାୟନେ ରହି
ଦେଖିବ ଯାଇ,
ତନ୍ଦ୍ରାବିହୀନ ନୟନେ ସେ ଯେ
ଲୋଟୁଥିବ ହାୟ ଧରଣୀ-ଶେଯେ ।



Digitized by srujanika@gmail.com

୨୮

ଫୁଟିଥିବ ମୋର ଝରଦମାନ
ବିରହ ଶେଯର ଗୋଟିଏ ଧାରେ
ଶେଷ ଶଶିକଳା ଧରିଣ ଯଥା
ପ୍ରାଚୀ ଗଗନର ଚକ୍ରବାଳେ ।
ମନ ଭରି କରି ଜୀବନ - ରସେ ବ୍ରହ୍ମର ସାଥୀ
ନିମେଷ ପରିଏ ପୁହାଉଥିଲା ସେ ହିଁ ଯାମା ସତ ।
ହାଇରେ ବିଧାତା, ହାଇରେ ଦଇବ
ଆଜି ମୋ ସମା
ଲୁହର ଲହରେ ମଣୁଥିବ ତାହା
ଦୀର୍ଘଯାମା ।

୨୯

ଅମିୟ-ଶୀତଳ ଚନ୍ଦ୍ରମା-କର
ବାତାୟନେ ପଶି ପଡ଼ିଲେ ଘରେ
ପୂର୍ବର ଆଦରେ ଗୃହିଁ ଦେଇ ଥରେ
ନେଇ ଯାଉଥିବ ଦୃଷ୍ଟି ଖଟରେ ।
ବ୍ୟଥାର ଲୋତକେ ଅନନ୍ତ ଖତା
ଢୁକି ଦେଉଥିବ ପୀଡ଼ିତ-ଲତା ।
ଜଳପ୍ଲାବନର ଥଳ କମଳିନୀ
ଯେସନ
ବୁଜିପ ରେଜି କି ମେଲିଉପାରେନି
ନୟନ ।

ଏକାକିନ

Digitized by srujanika@gmail.com

# ମେଘଦୂତ

୩୦

ଉତ୍କଣ୍ଠପ୍ରିୟାର    ରଙ୍ଗାଧର
ଦେଖାଯାଉଥିବ    ମଳିନତର
ଉଷ୍ଣଶ୍ୱାସେ
ରୁକ୍ଷ ସିନାନେ
ସଲ୍ଲପ    ଅଳକ
ଲକ୍ଷ ପଡୁଥିବ ଗଣ୍ଡଦେଶେ ।
ସ୍ୱପନେ ଏକା ସେ ମୋହର ମିଳନ ପାଇବ ବୋଲି
ନୟନେ ତାହର, ଲୋଡୁଥିବ ଦାନ୍ଦ ଅଶ୍ରୁ ଖାଲି ।
ମାତର ତାହାର ଅଶ୍ରୁଜଳ
ଭର ଦେଉଥିବ ସବୁ ବିଫଳ ।

୩୧

ପ୍ରେୟସୀର ବେଣୀ ସେଇ ଯେ ପ୍ରଥମ ବିରହ ଦିନ
ବାନ୍ଧିଥିଲି ମୁଁ ଭରି ଏକାବେଳେ ମାଲ୍ୟହୀନ,
ଅଭିଶାପ ଶେଷେ    ଅଶୋକ ବୃକ୍ଷେ
ଫିଟାଇବ ଯାହା    ଅତୁଳ ସୁଖେ
ରୁକ୍ଷ କଠିନ ସେ ଏକ ବେଣୀ
ପୀଡୁଥିବ ତାର ଗଣ୍ଡ ବେନି ।
ଅସମ୍ଭାଳି ଦେଉ-    ଥିବ ସୁନ୍ଦରୀ
ଅଲସ କରେ
ଅଜାମିତ ନଖ    ଲାଗି ଯାଉଥିବ
କପୋଳପଟେ ।



Digitized by srujanika@gmail.com

୩୨

ଅବରଣି ହୃଦ    ଖୋଲ ସୁକୁମାରୀ
ସୁକୁମାର ତନୁ    ଦେଇଥିବ ଢାଳି
ଶଯ୍ୟାପରେ,
କଟିପଡୁଥିବ
ଲେଟିଅଡୁଥିବ
ବେଦନାଭରେ ।
ଦେଖୁ ଦେଖୁ ତାକେ  ହେ ଜଳଧର !
ଢାଳିଦେବ ତୁମେ   ଲୋତକ ଜଳ ।
କରୁଣା-ସରସ  ଶବ୍ଦ  ସାର
ବ୍ୟଥାର ପରଶେ   ଢାଳଇ ଧାର ।

୩୩

ମୋହର ସନ୍ଦେଶେ   ପ୍ରେୟସୀର ମନ
ହେଉଁପର  ଅନୁରକ୍ତ
ପ୍ରଥମ ଦରଶେ   ଯାହା ହୋଇଥିବ
ଜାଣୁଛି ମୁଁ ତାର ଭକ୍ତ ।
ମିଛେ ମିଛେ ତାର ଗୁଣ  ଗାଇ ଗାଇ ବାତୁଳ ପରି
ଜଗତେ ଜଣାଇ ହେବ ନାହିଁ ମୁଁ ତ ସ୍ୱଭଗ ବୋଲି ।
ଯେତେ ଯେତେ କଥା  କହୁଅଛୁ ଏବେ
ମନରେ  ଧାର
ସତ ଅବା ମିଛ    ଭଲକରି ତୁମେ
ଦେଖିବ ପାର ।

ତେପନ

Digitized by srujanika@gmail.com

୩୪

ପ୍ରେୟସୀର ମମ ନୟନଯୁଗଳ ଅଜ ଏ ଦିନେ
ଭ୍ରୂଲତା-ବିଳାସ ଭୁଲି ଯାଇଥିବ ମଦ୍ୟ ବିନେ ।
ଅଞ୍ଜନ-ହୀନ ଅପାଙ୍ଗେ ଯାର
ଅଳକଶ୍ରେଣି,
ପଲକେ ପଲକେ ପଡୁଥିବ ସିକା
ସତତ ଝାପି ।
ତୁମେ ତହିଁ ଗଲେ ବାମ ଅକ୍ଷି ତାର
ଉଠିବ ସ୍ଫୁରି
ମୀନ ବିକ୍ଷୋଭେ କୁବଳୟ ଯଥା
ଉଠଇ ଥରି ।

୩୫

ଉରୁଯୁଗଳ ମୋ ପତ୍ନୀପ୍ରିୟାର ଗଉର ଗୁରୁ
ଲୁଚିବ ସରସ ସଚେ କି ତରୁଣ ରମ୍ଭା ତରୁ ।
ଖଣ୍ଡିତ ହେଉଥିବ କି ଅଉ ସେ
ନଖର ଘାତେ ?
ମଣ୍ଡିତ ହେଉଥିବ କି ଶୀତଳ
ମୁକୁତା ଜାଲେ ?
ନିଧୁବନ ଶେଷେ ଶରଧାରରେ
ସେବୁଥିଲ ମୁହିଁ ଏ ମୋର କରେ;
ବାମ ଉରୁ ତହିଁ ପ୍ରିୟାର ମମ
